ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ୮ ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୯୩ ● ୩୦ ଅପ୍ରେଲ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-93 ● 30th April 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24




୧୫୦ଟି ବିଜୟୀ ମ୍ୟାଚ୍‌ରେ ସାମିଲ ହେବାରେ ପ୍ରଥମ ଖେଳାଳି ହେଲେ ଧୋନି

# ଆଜି ହିଞ୍ଜିଳିରୁ ନାମାଙ୍କନ ଭରିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୯।୪
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପାରମ୍ପରିକ ଆସନ ହିଞ୍ଜିଳିରୁ ନବୀନ କରିବେ ନାମାଙ୍କନ। ଷଷ୍ଠଥର ପାଇଁ ଏହି ଆସନରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି । ହିଞ୍ଜିଳି ବିଧାନସଭା ଆସନ ପାଇଁ ନବୀନ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ନାମାଙ୍କନ ପାଇଁ ସକାଳ ୧୦ଟା ୨୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ହିଞ୍ଜିଳି ଅଭିମୁଖେ ଯିବେ ନବୀନ। ୧୧ଟା ୧୫ ମିନିଟରେ ମୁଖ୍ୟମନ୍ତ୍ରୀ ତାରାତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ମାଆଙ୍କ ଆଶୀର୍ବାଦ ନେଇ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବେ। ୧୨ଟା ୩୫ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିବେ।



ମୁଖ୍ୟମନ୍ତ୍ରୀଙ୍କ ସହିତ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟମାନେ ଉପସ୍ଥିତ ରହିବେ।

୨୦୦୦ ମସିହାରୁ ହିଞ୍ଜିଳିରୁ ବିଧାୟକ ରହିଆସିଛନ୍ତି ନବୀନ। ୫ ଥର ହିଞ୍ଜିଳିରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ଏଥର ଷଷ୍ଠଥର ପାଇଁ ଲଢୁଛନ୍ତି । ଗତ ୩ଟି ସାଧାରଣ ନିର୍ବାଚନକୁ ଦେଖିଲେ ୨୦୦୯ରେ ନବୀନ ୬୧ ହଜାର ୨୭୩ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିଲେ। ଭୋଟ ପ୍ରତିଶତ ଥିଲା ୬୩.୮୮ । ୨୦୧୪ରେ କଂଗ୍ରେସ ପ୍ରାର୍ଥୀଙ୍କୁ ୭୬ ହଜାର ୫୮୬ ଭୋଟରେ ପରାଜିତ କରି ଚତୁର୍ଥ ଥର ବିଧାୟକ ହୋଇଥିଲେ। ନବୀନ ୨୦୧୯ରେ ବିଜେପି ପ୍ରାର୍ଥୀଙ୍କୁ ୬୦ ହଜାର ୧୬୦ ଭୋଟରେ ହରାଇ ବିଜୟ ଲାଭ କରିଥିଲେ । ଏଥର ନବୀନ ଷଷ୍ଠଥର ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିପକ୍ଷରେ ବିଜେପିର ଶିଶିର ମିଶ୍ର ଓ କଂଗ୍ରେସର ରଞ୍ଜିକାନ୍ତ ପାଢ଼ୀ ପ୍ରାର୍ଥୀ ହୋଇଛନ୍ତି । ମେ’ ୨୦ ତାରିଖରେ ହିଞ୍ଜିଳିରେ ମତଦାନ ହେବ। ନବୀନ ହିଞ୍ଜିଳି ଛଡ଼ା ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିରୁ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଲୋକସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ଭାବେ ପ୍ରଣବ ପ୍ରକାଶ ଦାସ ମଧ୍ୟ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ ଅଭିଯାନ ଚଳାଇଛନ୍ତି। ଆଠଗଡ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସତ୍ୟବାଦୀ ଆସନରୁ ସଞ୍ଜୟ କୁମାର ଦାସବର୍ମା ସୋମବାର ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି।

## ମାଲକାନଗିରିରେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

# ନବୀନ ଇଞ୍ଜିନ ସବୁବେଳେ ଚାଲିବ, ଲୋକଙ୍କ ସମସ୍ୟା ସମାଧାନ କରିବ

ଭୁବନେଶ୍ୱର, ୨୯।୪
ନ୍ୟୁଜ୍ ବ୍ୟୁରୋ



ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଆରମ୍ଭ ହୋଇସାରିଥିବା ବେଳେ ସୋମବାର ବରିଷ୍ଠ ବିଜୁ ଜନତା ଦଳ ନେତା କାର୍ତ୍ତିକ ପାଣ୍ଡିଆନ ମାଲକାନଗିରିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରି ଜିତାଇବାକୁ ଆହ୍ୱାନ ଦେଇଛନ୍ତି । ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ସହିତ ମାଲକାନଗିରି ବିଧାନସଭା ପ୍ରାର୍ଥୀ ମାନସ ମାଡକାମି, ଚିତ୍ରକୋଣ୍ଡା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ଓ କୋଟପାଡ ବିଧାନସଭା ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀଙ୍କ ପାଇଁ ଡବଲ ଶଙ୍ଖରେ ବଟନ ଦବାଇ ଭୋଟ ଦେବାକୁ ଅନୁରୋଧ କରିଛନ୍ତି।

ଆରମ୍ଭରୁ ବିରୋଧୀ ଦଳ ଉପରେ ଜୋରଦାର ଆକ୍ରମଣ କରି ଘୋର ସମାଲୋଚନା କରିଥିଲେ ଶ୍ରୀ ପାଣ୍ଡିଆନ୍। ସେ କହିଥିଲେ ଯେ ଏହି ବିଶାଳ ସମାବେଶ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ସ୍ନେହ ଓ ଭଲ ପାଇବାର ପ୍ରତୀକ, ଏସବୁ ଦେଖି ବିରୋଧୀଙ୍କ ନିଦ ହଜିଯାଉଛି। ବିଜେପି କ୍ଷମତାକୁ ଆସିଲେ ମିଶନ ଶକ୍ତି ବନ୍ଦ କରିଦେବେ, ମା ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେବେ, ପୁଣି ଥରେ ଘର ଭିତରେ ବନ୍ଦ କରି ରଖିବେ, ବନ୍ଦ କରିଦେବେ ଆପଣମାନେ ସତର୍କ ରୁହନ୍ତୁ।

ରାଜ୍ୟ ବିଜେପି ମିଶନ ଶକ୍ତିର ମା’ ମାନଙ୍କୁ ଅସମ୍ମାନ କରେ। ଧର୍ମେନ୍ଦ୍ର ପ୍ରଧାନ ଏପର୍ଯ୍ୟନ୍ତ ନୋମିନେସନ୍ ମଧ୍ୟ କରିନାହାନ୍ତି। କିନ୍ତୁ ମା’ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ, ଆପଣ ଚିନ୍ତା କରିପାରୁଛନ୍ତି ତ ? କ୍ଷମତାକୁ ଆସିଲେ ସେ କ’ଣ କରିବେ ?

ନବୀନ ଇଞ୍ଜିନ କେବେ ବି ଫେଲ୍ ମାରିନି କି ମାରିବ ନାହିଁ । ନବୀନ ଇଞ୍ଜିନ ସବୁବେଳେ ଚାଲିବ, ଲୋକଙ୍କ ସମସ୍ୟା ସମାଧାନ କରିବ ବୋଲି (ପୃଷ୍ଠା ୭ରେ)

## ହେଲିକପ୍ଟର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଅମିତ ଶାହ



ନୂଆଦିଲ୍ଲୀ, ୨୯।୪

ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ ଡାହାଣ ପଟକୁ ଚାଲି ଯାଇଥିଲା। ଏଥିସହ ଏହାର ଆଗ ପଟ ମଧ୍ୟ ତଳେ ପିଟି ହେବା ସ୍ଥିତିକୁ ଚାଲି ଆସିଥିଲା।

ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଅଳ୍ପକେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେ ବସିଥିବା ହେଲିକପ୍ଟର ଟେକଅପ ବେଳେ ହଠାତ ନିୟନ୍ତ୍ରଣ ହରାଇଥିଲା ବିହାରର ବେଗୁସରାରୁ (ପୃଷ୍ଠା ୭ରେ)

# ଧର୍ମ ଭିତ୍ତିକ ସଂରକ୍ଷଣ ଯୋଜନା କରୁଛି କଂଗ୍ରେସ

ନୂଆଦିଲ୍ଲୀ, ୨୯।୪

ଭୋଟ ବ୍ୟାଙ୍କ ରାଜନୀତି ପାଇଁ କଂଗ୍ରେସ ଦେଶରେ ଧର୍ମଭିତ୍ତିକ ସଂରକ୍ଷଣ ଯୋଜନା କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଛନ୍ତି। ତେବେ, ସେ ଏହା ହେବାକୁ ଦେବେ ନାହିଁ ବୋଲି ମଧ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏସସି/ଏସଟି ଓ ଓବିସି ସମ୍ପ୍ରଦାୟ ଏବେ ବିଜେପି ପାଖରେ ଥିବାରୁ ସଂଖ୍ୟାଲଘୁମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କଂଗ୍ରେସର ଏହି ପ୍ରସ୍ତାବ ବୋଲି ସେ କହିଛନ୍ତି।

କର୍ଣ୍ଣାଟକରେ କଂଗ୍ରେସ ସମ୍ବିଧାନ ବଦଳାଇବା ଏବଂ ଏସସି/ଏସଟି ଓ ଓବିସିଙ୍କ ଅଧିକାର ଛଡ଼ାଇ ନେବା ପାଇଁ ଅଭିଯାନ ଆରମ୍ଭ କରିଛି । ଆମ ସମ୍ବିଧାନ ଧର୍ମ ଭିତ୍ତିକ ସଂରକ୍ଷଣକୁ ଗ୍ରହଣ କରେ ନାହିଁ। କିନ୍ତୁ କର୍ଣ୍ଣାଟକ ସରକାର ମୁସଲମାନମାନଙ୍କୁ ଓବିସି



ସଂରକ୍ଷଣର କିଛି ଅଂଶ ଦେଇଛନ୍ତି ବୋଲି ମୋଦି କହିଛନ୍ତି।

ବାଗଲକୋଟରେ ଏକ ବିଶାଳ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ସେ କହିଛନ୍ତି, ସେମାନେ (କଂଗ୍ରେସ) ଏଥିରେ ସନ୍ତୁଷ୍ଟ ହେବେ ନାହିଁ । ଏହା ପୂର୍ବରୁ ମଧ୍ୟ ସେମାନେ ସେମାନଙ୍କ ଇସ୍ତାହାରରେ ଧର୍ମ ଭିତ୍ତିକ ସଂରକ୍ଷଣ ପାଇଁ ଆଇନ ଆଣିବା ବିଷୟରେ କହିଥିଲେ । ଏଥର ସେମାନଙ୍କ ଇସ୍ତାହାରରେ ସମାନ ସଙ୍କେତ ରହିଛି।

ମୁଁ ମୋର ଦଳିତ, ଏସସି/ଏସଟି ଏବଂ ଓବିସି ଭାଇ ଭଉଣୀମାନଙ୍କୁ କଂଗ୍ରେସର ଉଦ୍ଦେଶ୍ୟ ବିଷୟରେ ସଚେତନ କରିବାକୁ ଚାହୁଁଛି। ଧର୍ମ ଆଧାରରେ, ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଏହି ଲୋକମାନେ ବାବାସାହେବ ଆମ୍ବେଦକର ଓ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ଆପଣଙ୍କ ଅଧିକାରକୁ ଲୁଟିବାକୁ ଯୋଜନା କରୁଛନ୍ତି ବୋଲି ମୋଦି ଅଭିଯୋଗ କରିଛନ୍ତି।

ଏହି ରାଲିରେ ବରିଷ୍ଠ ବିଜେପି ନେତା ବିଏସ ୟେଦୁରପ୍ପା, ବିଜେପି ପ୍ରାର୍ଥୀ ତଥା ବାଗଲକୋଟ ଏବଂ ବିଜୟପୁରାର ସାଂସଦ ଯଥାକ୍ରମେ ପିସି ଗଦ୍ଦିଗୌଦାର ଏବଂ ରମେଶ ଜିଗାଜିନାଗି ଉପସ୍ଥିତ ଥିଲେ।

ସଂସଦରେ ଅଧିକାଂଶ ଏସସି, ଏସଟି ଏବଂ ଓବିସି ସାଂସଦ ବିଜେପିର ବୋଲି ଉଲ୍ଲେଖ କରି ମୋଦି କହିଛନ୍ତି, ତେଣୁ ସେମାନେ ଅନୁଭବ (ପୃଷ୍ଠା ୭ରେ)

# ଜଳୁଛି ସାରା ଓଡ଼ିଶା : ୮ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ

## ୪୪.୮ ଡିଗ୍ରୀ ସେଲସିୟସ ସହ ବାରିପଦା ରାଜ୍ୟର ଉତ୍ତପ୍ତ ସହର

ଭୁବନେଶ୍ୱର, ୨୯।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ସୋମବାର ବାରିପଦାରେ ସର୍ବାଧିକ ୪୪.୮ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ବଡ କଥା ଯେ ୩୨ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ବାରିପଦାରେ ସର୍ବାଧିକ ୪୪.୮ ଡିଗ୍ରୀ, ଅନୁଗୁଳରେ ୪୪.୩ଡିଗ୍ରୀ, ବୌଦ୍ଧରେ ୪୪.୧ ଡିଗ୍ରୀ, ତାଳଚେର ଓ ଭବାନୀପାଟଣାରେ ୪୪ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୫ ଡିଗ୍ରୀ, ଢେଙ୍କାନାଳରେ ୪୩.୨ ଡିଗ୍ରୀ ସେଲସିୟସ



ତାପମାତ୍ରା ରେକର୍ଡ କରାଯାଇଛି। ଟ୍ୱିନସିଟି ବାବଦରେ କହିବାକୁ ଗଲେ କଟକର ତାପମାତ୍ରା ୪୨.୫ ଡିଗ୍ରୀ ସେଲ୍ସିୟସ ଓ ଭୁବନେଶ୍ୱରର (ପୃଷ୍ଠା ୭ରେ)

## ନିରାଶ ହେଲେ ହେମନ୍ତ ସୋରେନ

### ମେ’ ୬ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୨୯।୪

ଜମି ଦୁର୍ନୀତି ମାମଲାରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ହାଇକୋର୍ଟଙ୍କ ଆବେଦନ ଉପରେ ରାୟ ପ୍ରଦାନରେ ବିଳମ୍ବକୁ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ ହେମନ୍ତ ସୋରେନ, ଯାହାକୁ ନେଇ ଜାମିନ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ତେବେ ଏହି ଆବେଦନର ପରବର୍ତ୍ତୀ ଶୁଣାଣି ମେ’ ୬ରେ ହେବ ବୋଲି ଦର୍ଶାଯାଇଛି।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୨୯।୪
ନ୍ୟୁଜ୍ ବ୍ୟୁରୋ

ସୋମବାର ରାଜ୍ୟରେ ବିଧିବଦ୍ଧ ଭାବରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ(ସାମଗ୍ରିକ ଭାବେ ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଓ ଏହା ଅଧିନରେ ଥିବା ୪୨ଟି ବିଧାନସଭା ଆସନରେ ମେ’ ୨୫ ତାରିଖରେ ନିର୍ବାଚନ ହେବ। ଏହି ସବୁ ଆସନ ପାଇଁ ସୋମବାରଠୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇ ମେ’୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ’ ୭ ତାରିଖ(ମଙ୍ଗଳବାର) ଦିନ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୦୨୪ ମେ’ ୯



ତାରିଖ(ଗୁରୁବାର) ଦିନକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ୨୦୨୪ ମଇ ୨୫ ତାରିଖ(ଶନିବାର) ଦିନ ଅନୁଷ୍ଠିତ ହେବ ଏବଂ ୨୦୨୪ ଜୁନ୍ ୪ ତାରିଖ(ମଙ୍ଗଳବାର) ଦିନ ନିର୍ବାଚନ ଫଳ ଘୋଷଣା କରାଯିବ।

# ବଦଳିଲା ୟୁଜିସି-ନେଟ୍ ପରୀକ୍ଷା ତାରିଖ

ନୂଆଦିଲ୍ଲୀ, ୨୯।୪

ୟୁଜିସି-ନେଟ୍ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି । ଏବେ ୟୁଜିସି-ନେଟ ପରୀକ୍ଷା ଜୁନ ୧୬ (ରବିବାର) ପରିବର୍ତ୍ତେ ଜୁନ ୧୮ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ। ୟୁଜିସି ମୁଖ୍ୟ ଜଗଦୀଶ କୁମାର ମାଇକ୍ରୋବ୍ଲଗିଂ ସାଇଟ ଏକ୍ସରେ ଏ ନେଇ ସୂଚନା ଦେଇଛନ୍ତି। ଜଗଦୀଶ କୁମାର ଆହୁରି ମଧ୍ୟ ଲେଖିଛନ୍ତି ଯେ ଏହି ପରୀକ୍ଷା ଓଏମଆର ମୋଡରେ ହେବ । ଖୁବଶୀଘ୍ର ଏ ନେଇ ଔପଚାରିକ ବିଜ୍ଞପ୍ତି ଜାରି କରାଯିବ।

ସୂଚନାଯୋଗ୍ୟ ଯେ, ଜୁନ ୧୬ରେ ୟୁପିଏସସି-ମେନ୍ସ ପରୀକ୍ଷା ହେବାକୁ ଥିବାରୁ ଛାତ୍ରଛାତ୍ରୀମାନଙ୍କ ଅନୁରୋଧକ୍ରମେ ୟୁଜିସି ନେଟ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି ।

କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ପୂର୍ବରୁ ଦିଆଯାଇଥିବା ୟୁପିଏସସି ପରୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ ୟୁପିଏସସି ମେନ୍ସ ପରୀକ୍ଷା ମେ ୨୬, ୨୦୨୪ (ୟୁପିଏସସି ମେନ୍ସ ୨୦୨୪ ତାରିଖ) ରେ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ସାରା ଦେଶରେ ଲୋକସଭା



ନିର୍ବାଚନ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଏହାପରେ ୟୁପିଏସସି ଏକ ନୂଆ କାର୍ଯ୍ୟସୂଚୀ ଜାରି କରିଥିଲା। ଏବଂ ଏଥିରେ ମୁଖ୍ୟ ପରୀକ୍ଷାର ତାରିଖ ଜୁନ ୧୬, ୨୦୨୪ ଦର୍ଶାଯାଇଥିଲା । ସେହିପରି ୟୁଜିସି ନେଟ ପରୀକ୍ଷାର କାର୍ଯ୍ୟସୂଚୀ ପୂର୍ବରୁ ସ୍ଥିର ହୋଇସାରିଥିଲା। ଏହି ପରୀକ୍ଷା ଜୁନ ୧୬, ୨୦୨୪ (ୟୁଜିସି ନେଟ ୨୦୨୪ ତାରିଖ)ରେ ଧାର୍ଯ୍ୟ ହୋଇଥିଲା।

## ମଇ ଆରମ୍ଭରୁ ବୃହସ୍ପତି ବୃଷରେ...

| | | |
|---|---|---|
| (ଦ୍ୱାଦଶ) ମିଥୁନ / (ଲଗ୍ନ) ବୃଷ | (ଦ୍ୱିତୀୟ) ମେଷ | (ତୃତୀୟ) ମୀନ / (ଚତୁର୍ଥ) କୁମ୍ଭ |
| (ଏକାଦଶ) କର୍କଟ | ୩ / ୨ | (ପଞ୍ଚମ) ମକର |
| (ଦଶମ) ସିଂହ / (ନବମ) କନ୍ୟା | (ଅଷ୍ଟମ) ତୁଳା | (ଷଷ୍ଠ) ଧନୁ / (ସପ୍ତମ) ବିଛା |

ଦେଶ, ବିଦେଶ, ରାଜ୍ୟରେ ଘଟିବ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା। ୧୨ଟି ରାଶିର ଭଲ ମନ୍ଦ କଥା ସଂକ୍ଷେପରେ....

ପଣ୍ଡିତ ଚନ୍ଦ୍ରଶେଖର ନନ୍ଦ

ପୃଷ୍ଠା-୩

## ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ଖାରଜ

ନୂଆଦିଲ୍ଲୀ, ୨୯।୪



ଉତ୍ତରପ୍ରଦେଶର ପିଲିଭିଟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଭାଷଣରେ ଭଗବାନ ଓ ଉପାସନା ସ୍ଥାନ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଆଗତ ହୋଇଥିବା ଆବେଦନକୁ ସୋମବାର ଖାରଜ କରିଦେଇଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ଏହି ଆବେଦନ ଯୋଗ୍ୟତା ବିହୀନ। ସମାନ ରିଲିଫ ପାଇଁ ଏହି ଅଭିଯୋଗ ଉପରେ ନିର୍ବାଚନ କମିଶନ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନଥିବା ବେଳେ ଆବେଦନକାରୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବାରୁ ଏହି ଆବେଦନକୁ ଭୁଲ ଭାବରେ ଗ୍ରହଣ କରାଯାଇଛି ବୋଲି ଅଦାଲତ ମତ ଦେଇଛନ୍ତି। ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହୋଇଛି ବୋଲି ଆବେଦନକାରୀ ଅନୁମାନ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଅଯଥାର୍ଥ। ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ସଚିନ ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟରେ କହିଛନ୍ତି ଯେ, ଯୋଗ୍ୟତା ବିହୀନ ହୋଇଥିବାରୁ ଆବେଦନକୁ ଖାରଜ କରାଯାଉଛି।

## ଏକାଳ ସକାଳ



ହିସାବ ନିକାଶ କେତେ ଚାଲୁଅଛି
କରିଛୁ କରିବୁ କଣ
ଶୁଖିଲା ମୁହଁ ଓଦା ମୁହଁ ନେଇ
ଚାଲିଅଛି ବାକ୍ୟରଣ
ଯେତେସବୁ ଧୂଆଁବାଣ
ନା ସତରେ କଥା ରଖିବେ
ଦେଖିବା ଯେ ନେତାଗଣ।

# ନାବାଳିକାଙ୍କୁ ଗର୍ଭପାତ ପାଇଁ ଦେଇଥିବା ଅନୁମତିକୁ ଫେରାଇ ନେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯।୪

ଜଣେ ଦୁଷ୍କର୍ମ ପୀଡିତା ନାବାଳିକାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦେଇଥିବା ରାୟକୁ ସୋମବାର ସୁପ୍ରିମକୋର୍ଟ ଫେରାଇ ନେଇଛନ୍ତି । ଏପ୍ରିଲ ୨୨ରେ ସର୍ବୋଚ୍ଚ ଅଦାଲତ ୧୪ ବର୍ଷୀୟ ନାବାଳିକାଙ୍କୁ ତାଙ୍କର ୩୦ ସପ୍ତାହର ଭ୍ରୂଣକୁ ଗର୍ଭପାତ କରିବାକୁ ଅନୁମତି ଦେଇଥିଲେ। ଏବେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ରାୟରେ ପରିବର୍ତ୍ତନ କରିଛନ୍ତି। ଏଥିସହ ପୂର୍ବରୁ ବମ୍ବେ ହାଇକୋର୍ଟ ଗର୍ଭପାତ ବିରୋଧରେ ଦେଇଥିବା ରାୟକୁ କାଏମ ରଖିଛନ୍ତି।

ପୀଡ଼ିତାଙ୍କ ବାପା ମା’ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ସେମାନେ ଜନ୍ମ ହେବାକୁ ଥିବା ସନ୍ତାନର ଦାୟିତ୍ୱ ନେବେ, ଯଦି ଗର୍ଭପାତ ପ୍ରକ୍ରିୟା ଆରମ୍ଭ କରାଯାଏ, ତାହେଲେ ଏହା ସେମାନଙ୍କ ଝିଅର ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିପଦ ସୃଷ୍ଟି କରିପାରେ।

ତେଣୁ ସେମାନେ ଗର୍ଭପାତ ସପକ୍ଷରେ ନାହାନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ ପୀଡ଼ିତାଙ୍କ ବାପା ମାଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହେବା ପରେ ଶିଶୁର ସ୍ୱାର୍ଥ ସର୍ବୋପରି ବୋଲି କହିଛନ୍ତି।

ଏହା ଏକ ଦୁଷ୍କର୍ମ ମାମଲା। ଏଥିସହ ପୀଡିତାଙ୍କ ବୟସ ମାତ୍ର ୧୪ ବର୍ଷ । ଏଭଳି ଅସାଧାରଣ ମାମଲାକୁ ଦେଖି ତାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦିଆଯାଉଛି ବୋଲି ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏପ୍ରିଲ ୨୨ରେ କହିଥିଲେ। ସିଜେଆଇଙ୍କ ନେତୃତ୍ୱାଧୀନ ବେଞ୍ଚ ମେଡିକାଲ ରିପୋର୍ଟ ଦେଖିବା ପରେ ଏହି ନିଷ୍ପତ୍ତି ନେଇଥିଲେ।

ମୁମ୍ବାଇ ହସ୍ପିଟାଲର ରିପୋର୍ଟରେ କୁହାଯାଇଥିଲା ଯେ ନାବାଳିକାଙ୍କ ଗର୍ଭପାତ କରାଇବା (ପୃଷ୍ଠା ୭ରେ)





# ଅସୁରେଶ୍ୱର ରଘୁନାଥ ଜୀୟୁଙ୍କ ଦାଣ୍ଡଯାତ୍ରାରେ ବ୍ୟାପକ ବିଶୃଙ୍ଖଳା : ଭକ୍ତ ମହଲରେ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ଗ୍ରାମପଞ୍ଚାୟତ ମଲ୍ଲୀପୁରସ୍ଥିତ ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଦାଣ୍ଡଯାତ୍ରାରେ ମନ୍ଦିର ପରିଚାଳନାକମିଟିର ଦାୟିତ୍ୱହୀନତା, ସର୍ବୋପରି କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଭକ୍ତ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଦାଣ୍ଡଯାତ୍ରା ନିର୍ଦ୍ଧାରିତ ସମୟସୀମାର ବହୁ ବିଳମ୍ବରେ ଠାକୁର ସୁସଜ୍ଜିତ ବିମାନରେ ମନ୍ଦିରରୁ ବାହାରିଥିଲେ। ତେବେ ଏହି ସମୟରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ମଦ୍ୟପମାନଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଥିବା କାରଣରୁ ଦୂର ଦୂରାନ୍ତରୁ ଆସିଥିବା ଝିଅ ବୋହୂମାନେ



ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେହିପରି ଭାବେ ଦୂର ଦୂରାନ୍ତରୁ ଏହି ଯାତ୍ରା ଦେଖିବା ନିମନ୍ତେ ଆସିଥିବା ଭକ୍ତମାନଙ୍କୁ ଗାଡ଼ି ରଖିବା ନିମନ୍ତେ ଷ୍ଟାଣ୍ଡମାନଙ୍କରେ ମନମୁଖୀ ଭାବେ ଅର୍ଥ ଜୁଲମ୍ କରାଯାଇଥିଲା। ସେହିପରି ଭାବେ ପ୍ରତିବର୍ଷ ଠାକୁର ବିମାନ ଯୋଗେ ଯାଇ ପ୍ରତି ଘରେ ଘରେ ଭୋଗ ଖାଇଥାନ୍ତି। କିନ୍ତୁ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କୁ ଭୋଗ ଦେବା ନିମନ୍ତେ ନିଜ ଘରେ ଅପେକ୍ଷା କରିଥିଲା ବେଳେ ଠାକୁର ନାମକୁ ମାତ୍ର କୋଇଲର କେତେକ ଘରେ ଭୋଗ ଖାଇଥିଲେ। କିନ୍ତୁ ବହୁ ଭକ୍ତଙ୍କ ଘରକୁ ଠାକୁର ଯାଇନଥିଲେ। ଫଳରେ ଏହି ଘଟଣାକୁ ନେଇ ଭକ୍ତମହଲରେ ନୈରାଶ୍ୟଭାବ ଦେଖାଦେଇଥିଲା। ସେହିପରି ଭାବେ ଏହି ଯାତ୍ରାରେ ବିଭିନ୍ନ ସ୍ଥାନରେ ବ୍ୟାପକ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ତେବେ ପୋଲିସ ପ୍ରଶାସନକୁ ଉପଯୁକ୍ତ ସହାୟତା ପ୍ରଦାନ କରାଯାଇ ନଥିବା କାରଣରୁ ଯାତ୍ରାରେ ବ୍ୟାପକ ବିଶୃଙ୍ଖଳା ହୋଇଥିବାର ସାଧାରଣରେ କୁହାଯାଉଛି। ତେବେ ମନ୍ଦିର ପରିଚାଳନା କମିଟର ମେରିରାୟ ଶାସନ ଯୋଗୁ ଏପରି ବିଭ୍ରାଟ ହୋଇଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ରାଣ୍ଡ ଏଲୟଜ କାରଖାନା ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ପଳାଶପଙ୍ଗା ପଞ୍ଚାୟତ ଅଧିନ ମୁରୁସୁଆଁସ୍ଥିତ ବ୍ରାଣ୍ଡ ଆଲଏଜ ଆଣ୍ଡ ଷ୍ଟିଲ୍ କାରଖାନାକୁ ଚଳିତମାସ ୧୫ରୁ ମେ' ୧୪ ତାରିଖ ମାସେ ପର୍ଯ୍ୟନ୍ତ କୌଣସି ଭାରୀଯାନ ଚଳାଚଳ କରିପାରିବ ନାହିଁ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ କାରଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ଜାମୁଡ଼ିହାଠାରୁ ବିସ୍ତାପାଳ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତାରେ ବ୍ରାଣ୍ଡ ଆଲଏଜ କାରଖାନା ଦୈନିକ ଭାରୀଯାନ ଚଳାଚଳ କରି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ କରିଥିବାବେଳେ ଏହାର ଉନ୍ନତିକରଣ ସହ ଯାତାୟାତଯୋଗ୍ୟ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଜନ ନଂ-୧ ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ତାଗିଦ୍ କରାଯାଇ ଆସୁଥିଲା। ଏହାସତ୍ତ୍ୱେ କାରଖାନା କର୍ତ୍ତୃପକ୍ଷ ରାସ୍ତାର ଉନ୍ନତିକରଣ ନ କରିବାରୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ବାରମ୍ବାର ହାଜିର ହୋଇ ପକ୍ଷ ରଖିବାକୁ ପଡୁଥିଲା। ଏଭଳି ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ବିଭାଜନ ନଂ-୧ ଅଧିକ୍ଷଣ ଯନ୍ତ୍ରୀଙ୍କ ଅନୁରୋଧକ୍ରମେ



ମୋଟର ଯାନ ଆଇନ ୧୯୯୮ର ଧାରା ୧୧୫.୧୧୬ ଓ ୧୧୭ ଅନୁଯାୟୀ ଉକ୍ତ ରାସ୍ତାରେ ବ୍ରାଣ୍ଡ ଆଲଏଜ ଅପ୍ରେଲ ୧୫ ତାରିଖରୁ ମେ' ୧୪ ତାରିଖ ପର୍ଯ୍ୟନ୍ତ କୌଣସି ଭାରୀଯାନ ଚଳାଚଳ ନ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ କାରଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ତାଗିଦ୍ କରିଛନ୍ତି। ଜିଲ୍ଲା ପ୍ରଶାସନର ତାଗିଦ୍ ପରେ କାରଖାନା କର୍ତ୍ତୃପକ୍ଷ ରାସ୍ତାର ଉନ୍ନତିକରଣ ପରିବର୍ତ୍ତେ କେବଳ ପାଣି ସିଞ୍ଚନ କରି ଭାରୀଯାନ ଚଳାଚଳ କରୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଅତର୍କିତ ଚଢ଼ଉ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ବ୍ଲକ୍ କଂଗ୍ରେସ ଉପ ସଭାପତିଙ୍କ ସମେତ କର୍ମୀଙ୍କ ଇସ୍ତଫା

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ଭାବେ ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ଲୋକନାଥ ମହାରଥିଙ୍କୁ ଦଳ ପ୍ରାର୍ଥୀ ଭାବେ ଘୋଷଣା କରିଛି। ମାହାକାଳପଡ଼ା ବିଧାନସଭା କ୍ଷେତ୍ର ମାର୍ଶାଘାଇ ଓ ମହାକାଳପଡ଼ାର ଅଧିବାସୀଙ୍କୁ ନେଇ ଗଠିତ। କିନ୍ତୁ ଶ୍ରୀ ମହାରଥିଙ୍କ ନାମ ଘୋଷଣା ହେବା ପରେ ବ୍ଲକ୍ କଂଗ୍ରେସ କମିଟିର ଉପସଭାପତି ରଘୁନାଥ ସେଠୀ, ୧୯ ନଂ ଜୋନ୍‌ର ଜିଲ୍ଲା ପରିଷଦ ପ୍ରାର୍ଥୀ ଥିବା ମାନସୀ ପ୍ରଭା ଦାସଙ୍କ ସମେତ ପ୍ରାୟ ୧୫ ଜଣ କର୍ମୀ ନିଜର ଇସ୍ତଫା ପତ୍ର ବ୍ଲକ କଂଗ୍ରେସ କମିଟିର ସଭପତି କବିନ୍ଦ୍ର ସାମଲଙ୍କ ପାଖକୁ ପଠାଇଛନ୍ତି। ଶ୍ରୀ ସେଠୀଙ୍କ ପ୍ରତିକ୍ରିୟା ହେଉଛି ଯାହାଙ୍କୁ ଦଳ ପ୍ରାର୍ଥୀ କରିଛି ସେ ଆମ ଦଳରେ କେବେ କୌଣସି କାର୍ଯ୍ୟ କରିବାର ଆମେ ଦେଖିନାହୁଁ। ତେଣୁ ଆମ୍ଭେମାନେ ଇସ୍ତଫା ଦେଲୁ ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ୍ କଂଗ୍ରେସ କମିଟି ସଭାପତି କବିନ୍ଦ୍ର ସାମଲଙ୍କ ମତାମତ ଲୋଡ଼ିବାରୁ ତାଙ୍କର ଉତ୍ତର ଥିଲା ଇସ୍ତଫା ପତ୍ର ପାଇଛି। ଏହାକୁ ବିଭ୍ରାଂଶୁ ଲେଙ୍କାଙ୍କ ପାଖକୁ ପଠାଇ ଦେଇଛି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥିଙ୍କ କହିବା କଥା ଏ ବିଷୟରେ ମୁଁ କିଛି ଜାଣି ନାହିଁ। ଆପଣ ବ୍ଲକ କଂଗ୍ରେସ କମିଟି ସହିତ ଯୋଗାଯୋଗ କରନ୍ତୁ ସେ କହିପାରିବେ।

# ଘଟଗାଁ ପୀଠରୁ କଂଗ୍ରେସ ଦଳର ପ୍ରଚାର ଆରମ୍ଭ

**କେନ୍ଦୁଝର, ନ୍ୟୁଜ୍**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ଦଳ ଗୁରୁବାର ଠାରୁ ପ୍ରଚାର ପାଇଁ ଶୁଭାରମ୍ଭ କରିଛି। କେନ୍ଦୁଝର ଜିଲ୍ଲା ଘଟଗାଁ ପୀଠ ଠାରେ ଆରାଧ୍ୟ ଦେବୀ ମା' ତାରିଣୀଙ୍କ ପୂଜାର୍ଚ୍ଚନା ପରେ କଂଗ୍ରେସ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପିସିସି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶବନ୍ତ ସିଂହ ଲାଗୁରି, ପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ, କେନ୍ଦୁଝର ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀନୀ ପ୍ରତିଭା ମଞ୍ଜରୀ ନାଏକ, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ପୂର୍ବତନ କେନ୍ଦୁଝର ବିଧାୟକ ଇଂ ସୁବର୍ଣ୍ଣ ନାଏକ, ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାଏକ, ଜିଲ୍ଲା କଂଗ୍ରେସ ସେବାଦଳ ଅଧକ୍ଷ ବୀରଭଦ୍ର ମହାନ୍ତ, ଜିଲ୍ଲା କଂଗ୍ରେସ ସୋସିଆଲ ମିଡ଼ିଆ ଅଧକ୍ଷ ସୁଢଳ କୁମାର ସେଠୀ, ଘଟଗାଁ ବ୍ଲକ୍ କଂଗ୍ରେସ ସଭାପତି ପ୍ରଭାକର ନାୟକ, ସାହାରପଡ଼ା ବ୍ଲକ୍ କଂଗ୍ରେସ ସଭାପତି ମୁକୁନ୍ଦ ଚରଣ ମହାନ୍ତ, ତେଲକୋଇ ବ୍ଲକ କଂଗ୍ରେସ ସଭାପତି ଶଶୀକାନ୍ତ ଧୀର, ହରିଚନ୍ଦନପୁର ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମଣ ମହାନ୍ତ, ବାଂଶପାଳ ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତା ସନ୍ତୋଷ ସାହୁ, ଶିବକୁମାର ବେହେରା ବିଶ୍ୱନାଥ ବେଜ, ସୁରଥ କୁମାର ସାହୁ, ମହେଶ୍ୱର ଦେବତା, ଦୟାନିଧି ମହାନ୍ତ ଓ କୁଳମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପାଣି ସମସ୍ୟାକୁ ନେଇ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛନ୍ତି ଗୋରା ଗ୍ରାମବାସୀ। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା ଗ୍ରାମରେ ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଶେଷରେ ବାଧ୍ୟ ହୋଇ ପାଣି ସମସ୍ୟା ଜଣାଇବାକୁ ଗୁରୁବାର ଗରା, ବାଲ୍‌ଟି, ମାଠିଆ ହାତରେ ଧରି ୧୫ କି.ମି. ଚାଲି ଚାଲି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଗ୍ରାମବାସୀ। ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି।

# ସମ୍ ଅଲ୍ଟିମେଟ୍‌କୁ ଜେସିଆଇ ପ୍ରାଇମ୍ ସ୍ୱୀକୃତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍ତମ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ମମ୍) ସଫଳତାର ଆଉ ଏକ ପାହାଚରେ ପାଦ ଦେଇଛି। ବୁଧବାର ଏହି ହସ୍ପିଟାଲକୁ ଜଏଣ୍ଟ କମିଶନ ଇଣ୍ଟରନ୍ୟାସନାଲ୍ (ଜେସିଆଇ) ପ୍ରାଇମ୍ ମାନ୍ୟତା ପ୍ରାପ୍ତ ହୋଇଛି। ହସ୍ପିଟାଲ ପରିସରରେ ପ୍ରମୁଖ ମେଡିକାଲ୍ ଟେକ୍‌ନୋଲୋଜି କାନୀ ବେକ୍ଟନ୍, ଡିକିନ୍ସନ୍ ଆଣ୍ଡ କୋ (ବିଡି)ର ସହଯୋଗରେ ଏହି ମାନ୍ୟତା ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଶାର ପ୍ରଥମ ହସ୍ପିଟାଲ ଭାବେ ସମ୍ମମ୍ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପୂରଣ କରିବା ସହ ୯୮.୪ ପ୍ରତିଶତ ଅନୁପାଳନ ରାଶି ହାସଲ କରି ଏହି ମାନ୍ୟତା ପ୍ରାପ୍ତ କରିଛି। ସମ୍ମମ୍‌ର




ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ହସ୍ପିଟାଲ ପକ୍ଷରୁ ଏହି ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ଏହି ଅବସରରେ ହସ୍ପିଟାଲର ନର୍ସିଂ ଟିମ୍, ଫାର୍ମାସୀ ଟିମ୍, ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ବିଡିର ଇଣ୍ଡିଆ ଓ ଦକ୍ଷିଣ ଏସିଆର ମେଡିକାଲ ଆଫେୟାରସ୍ ଲିଡର୍ ଡକ୍ଟର ପଙ୍କଜ ରାଇନା ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୨୦୨୨ ମସିହାରେ ହସ୍ପିଟାଲରେ ଜେସିଆଇ ପ୍ରାଇମ୍ ପ୍ରୋଗ୍ରାମ୍ ଆରମ୍ଭ ହୋଇଥିବା ବେଳେ ହସ୍ପିଟାଲର ଉପରିସ୍ଥ ଅଧିକାରୀମାନଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ ବିଭାଗ, ନର୍ସିଂ ଟିମ୍, ଫାର୍ମାସୀ ଟିମ୍, ଇନ୍-ପେସେଂଟ ସର୍ଭିସେସ୍ ଟିମ୍ ଓ କ୍ୱାଲିଟି ମ୍ୟାନେଜମେଂଟ ଟିମ୍ ମିଳିତ ଭାବେ କାର୍ଯ୍ୟକରିଥିଲେ। ଏହି ସାର୍ଟିଫିକେଟ୍ ପ୍ରୋଗ୍ରାମ୍ ସହିତ 'ଇନ୍‌ଭାସିଭ୍ ଫଙ୍ଗଲ୍ ଇନ୍‌ଫେକ୍ସନ୍ ଇନ୍ ଆଇସିୟୁ' ଏବଂ 'ଇନ୍‌ଫେକ୍ସନ୍ କଣ୍ଟ୍ରୋଲ କେୟାର୍ ବଣ୍ଡଲ୍' ଭଳି ଦୁଇଟି ପ୍ରସଙ୍ଗରେ ଏକାଡେମିକ୍ ସେସନ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ସେସନ୍‌ରେ ସମ୍ମମ୍‌ର କ୍ରିଟିକାଲ୍ କେୟାର ମେଡିସନ୍ ବିଭାଗର ସିନିୟର କନ୍‌ସଲଟାଣ୍ଟ ଡାକ୍ତର ଆନନ୍ଦ ମିଶ୍ର ଓ ଡାକ୍ତର ଅରୁଣ ରଥ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

# ବେଲପାହାଡ଼ ପୌରାଞ୍ଚଳ ଓ ଲଖନପୁର ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନ କଲେ ଜିଲ୍ଲାପାଳ



**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଆବୋଲୀ ସୁନୀଲ ନରଣେ ବେଲପାହାଡ଼ ପୌରାଞ୍ଚଳ ଓ ଲଖନପୁର ବ୍ଲକ୍‌ର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ବୁଥ୍‌ଗୁଡ଼ିକରେ ମତଦାନ ସକାଶେ ଆନୁସଙ୍ଗିକ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ଛାମୁଣ୍ଡିଆ, ପୁରୁଷ ଓ ମହିଳାଙ୍କ ସକାଶେ ପୃଥକ ଶୌଚାଳୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ, ଲଖନପୁର ଗୋଷ୍ଠୀ ଅଧିକାରୀ, ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଏଫଏମୟୁ ଓ ପ୍ରାଚୀନ କଳା କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଚଣ୍ଡିଗଡ଼ ସ୍ଥିତ ପ୍ରାଚୀନ କଳା କେନ୍ଦ୍ର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ତଥା ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଚୀନ କଳା କେନ୍ଦ୍ରର ସେକ୍ରେଟେରୀ ସଜଲ କୋସର ଓ ଓଡ଼ିଶା ଆଫେୟାର୍ସର ଇନଚାର୍ଜ ବ୍ୟୋମକେଶ ଜେନା ଉପସ୍ଥିତ ହୋଇ ଦୁଇ ଅନୁଷ୍ଠାନ ମଧ୍ୟରେ, ଏକାଡେମିକ୍ କ୍ଷେତ୍ରରେ ସଂଗଠିତ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପର ବିକାଶକୁ ସମର୍ଥନ କରିବା ସହିତ 'ପ୍ରଦର୍ଶନ ଏବଂ ଭିଜୁଆଲ୍ ଆର୍ଟ' ଯାହା ମାଧ୍ୟମରେ ଛାତ୍ରବୃତ୍ତିକୁ ଆଗକୁ ନିଆଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏହି ବୁଝାମଣାପତ୍ର ଦ୍ୱାରା ମିଳିତ ଅନୁସନ୍ଧାନ ପ୍ରକଳ୍ପ, ମିଳିତ ସମ୍ମିଳନୀ, କର୍ମଶାଳା, ସମ୍ମିଳନୀ, ସେମିନାର ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଏବଂ ଚିତ୍ରକଳା (ପେଣ୍ଟିଂ) କ୍ଷେତ୍ରରେ ତାଲିମ କାର୍ଯ୍ୟକ୍ରମ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯିବାର ଉଦ୍ଦେଶ୍ୟ ରଖାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରତ୍ୟେକ ଏକାଡେମିକ୍ ଅଧିବେଶନ ଏକ ବର୍ଷିକିଆ ପାଠ୍ୟକ୍ରମ ରୂପେ ଆରମ୍ଭ ହେବ ଓ ପାଠ୍ୟକ୍ରମ ସମାପ୍ତି



ଏକ ପରୀକ୍ଷା ମାଧ୍ୟମରେ କରାଯିବ। ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉଭୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଦସ୍ତଖତଯୁକ୍ତ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରାଯିବ। ଏହାସହିତ ଉପରୋକ୍ତ ପାଠ୍ୟକ୍ରମଗୁଡିକ କ୍ଷେତ୍ରରେ ଅଧ୍ୟାପକ-ଅଧ୍ୟାପିକା, ସ୍ନାତକ ଛାତ୍ର (ପିଏଚ୍‌ଡି) ଏବଂ ପୋଷ୍ଟଡକ୍ଟରାଲ୍ ଗବେଷକଗଣଙ୍କ ସହିତ ଅନୁସନ୍ଧାନର ଆଦାନପ୍ରଦାନ କରାଯିବ। ଏହି ବୁଝାମଣାପତ୍ରର ସୁଯୋଗ ପୂରଣ ଦିଗରେ ଏକାଡେମିକ୍ ପ୍ରକାଶନ ଏବଂ ଅନ୍ୟାନ୍ୟ ସୂଚନାର ପାରସ୍ପରିକ ଆଦାନ ପ୍ରଦାନକୁ ମଧ୍ୟ ସ୍ଥାନ ଦିଆ ଯିବ। ଦୁଇ ଅନୁଷ୍ଠାନର ସହଯୋଗରେ ପାଠ୍ୟକ୍ରମ ସଂପର୍କିତ ଅନ୍ୟାନ୍ୟ ଦିଗର ବିକାଶୀକରଣକୁ ଧ୍ୟାନ ଦିଆଯିବ ଯାହାକି ପ୍ରାଚୀନ କଳା କେନ୍ଦ୍ରର 'କଳା ସଙ୍ଗମ' ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଏହି ବୁଝାମଣାପତ୍ର ଦ୍ୱାରା ଉଭୟ ବିଶ୍ୱବିଦ୍ୟାଳୟ ଉପକୃତ ହୋଇପାରିବେ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।

# ବିରୋଧୀଙ୍କ ମଣପୁର ମଠ ହାତେଇବା ଚକ୍ରାନ୍ତ ଫସର ଫାଟିଲା

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବିଷନପୁର ପଞ୍ଚାୟତର ପ୍ରାଚୀନ ମଣପୁର ମଠକୁ ବିରୋଧୀଙ୍କ ହାତେଇବା ଚକ୍ରାନ୍ତ ଫସର ଫାଟିଛି। ଦୀର୍ଘବର୍ଷ ଧରି ମଣପୁର ସନ୍ଥଦେବ ମଠର ଦାୟିତ୍ୱ ବିଷନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ କୁମାର ମହାପାତ୍ର (ବଚୁ)ଙ୍କ ହାତରେ ରହିଛି। ୨୦୦୯ ପରଠାରୁ ଶ୍ରୀ ମହାପାତ୍ର ମଠର ଦାୟିତ୍ୱ ତୁଲାଇବା ପରେ ମଠ ସୁଚାରୁରୂପେ ଚାଲୁଥିବା ଗ୍ରାମବାସୀମାନେ କହିଥିଲେ। ବସନ୍ତ ମହାପାତ୍ରଙ୍କ ଉପରେ ରାଜନୈତିକ ବ୍ୟକ୍ତିଗତ ଆକ୍ରୋଶରେ କେତେକ ମୁଷ୍ଟିମେୟ ବ୍ୟକ୍ତି ନିଜ ସପକ୍ଷବାଦୀମାନଙ୍କୁ ନେଇ ଜନସାଧାରଣଙ୍କ ଅଗୋଚରରେ ଏକ ପରିଚାଳନା କମିଟି ଚୟନ କରି ଦେବୋତ୍ତର କମିଶନର ଭୁବନେଶ୍ୱର ନିକଟରେ ଉପସ୍ଥାପନା କରିଥିଲେ। ଦେବୋତ୍ତର କମିଶନର ଓ ତିର୍ତ୍ତୋଲ ତହସିଲଦାର ବିନା କୌଣସି ତଦନ୍ତରେ ଉକ୍ତ ପରିଚାଳନା କମିଟିକୁ ଅନୁମୋଦନ ଦେଇଥିଲେ। ଅନୁମୋଦନ ନୋଟିସ୍ ମଠ ଦାୟିତ୍ୱରେ ଥିବା ବସନ୍ତ ମହାପାତ୍ରଙ୍କ ନିକଟରେ ପହଞ୍ଚିବାପରେ ଅଞ୍ଚଳରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦେବୋତ୍ତର କମିଶନରଙ୍କର



ଏକ ପାଆ ନୋଟିସ୍ ବିରୋଧରେ ମଠ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ କୋଲଟା, ବ୍ରହ୍ମପୁର, କନିମୁଳ, ଭଁସର, ବିଷନପୁର, ମଣପୁର, ମତଗଜପୁର, କିଲିପାଳ, ନାରୀଜଙ୍ଗ, ଗଇଠିପୁର, ମିର୍ଜାପୁର, ଲଙ୍କାପଡ଼ା, କଦମଛନ୍ଦା, ନୂଆଗାଁ, କୃଷ୍ଣାନନ୍ଦପୁର, ଆଦି ଗ୍ରାମର ଗ୍ରାମବାସୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିବା ସହିତ ଉପସ୍ଥିତ ରହି ବେଆଇନ ଭାବେ ଗଠନ ହୋଇଥିବା ପରିଚାଳନା କମିଟିକୁ ବିରୋଧ କରିଥିଲେ। ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ମଠର ଦାୟିତ୍ୱ ନୂତନ ପରିଚାଳନା କମିଟିକୁ ହସ୍ତାନ୍ତର କରାଯାଇଥାନ୍ତା। ଉଭୟ ପକ୍ଷ ତିର୍ତ୍ତୋଲ ତହସିଲଦାର କାର୍ଯ୍ୟାଳୟରେ ସବକଲେକ୍ଟର ପ୍ରଦିପ ସାହୁ, ତିର୍ତ୍ତୋଲ ଉପ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ରାଉତ, କୃଷ୍ଣାନନ୍ଦପୁର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା ଓ ଏଣ୍ଡାମେଣ୍ଟ ଇନ୍‌ସପେକ୍ଟରଙ୍କ ଉପସ୍ଥିତରେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ୍ ମାସରେ ନିର୍ବାଚନ ହେବାକୁ ଥିବାରୁ ଦାୟିତ୍ୱ ହସ୍ତାନ୍ତର ସ୍ଥଗିତ ରଖାଗଲା। ମଣପୁର ମଠ ପରିସରରେ ନୂତନ ପରିଚାଳନା କମିଟିକୁ ବିରୋଧ ଓ ବିକ୍ଷୋଭ ହେଉଥିବା ବେଳେ ଅପ୍ରିତିକର ପରିସ୍ଥିତିକୁ ଏଡ଼ାଇବାପାଇଁ କୃଷ୍ଣାନନ୍ଦ ପୁର ଥାନା ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।

# ୩୧ତମ ଜାତୀୟ ପଞ୍ଚାୟତିରାଜ ଦିବସ : ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ

**ରସୁଲପୁର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ମୈତ୍ରୀ ବିହାର ସ୍ଥିତ ସାଂଶ୍ରୀଷ୍ଟି ସେମିନାର କକ୍ଷରେ ଆୟୋଜିତ ୩୧ତମ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉତ୍ସବରେ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଭୋଟକା ପଞ୍ଚାୟତର ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ଗବେଷଣାଚକ୍ର, ଡିଆରଆଇ (ଡାଇରେକ୍ଟୋରୀ ଅଫ ରସର୍ଚ୍ଚ ଇନଷ୍ଟିଚ୍ୟୁଟ), ଆଇଏସଏସ (ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ), ସାଂଶ୍ରୀଷ୍ଟି ପଞ୍ଚାୟତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ ପଞ୍ଚାୟତରେ ମହିଳା ପ୍ରତିନିଧିଙ୍କ ୩୧ବର୍ଷ: ସମସ୍ୟା ଓ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ଦୁଇଥର ନିର୍ବାଚିତ ହୋଇଥିବା ଓ ପ୍ରତିଥର ଜନସମର୍ଥନ ବୃଦ୍ଧି ପାଇଥିବା ଯୋଗ୍ୟତା ଆଧାରରେ ଅନୁଷ୍ଠାନ ପକ୍ଷରୁ ସରପଞ୍ଚ ଶ୍ରୀମତୀ ରାଉତଙ୍କୁ ଏହି ଆଲୋଚନା ଚକ୍ରରେ ଯୋଗଦେବାକୁ ସୁଯୋଗ ଦିଆଯାଇଥିଲା। ମହିଳା ସରପଞ୍ଚମାନେ ପଞ୍ଚାୟତରେ କାର୍ଯ୍ୟ କରିବା ସମୟରେ କ'ଣ ଅସୁବିଧା ଉପୁଜୁଛି ଓ ତା'ର ନିରାକରଣ ପାଇଁ କି ସବୁ ପଦକ୍ଷେପ ନିଆଯାଇ ପାରିବ ତା' ଉପରେ ବକ୍ତବ୍ୟ ରଖିବା ସହ ଗାଁର ବାସ୍ତବ ସ୍ଥିତି ସଂପର୍କରେ ବିଶେଷଜ୍ଞ ମାନଙ୍କୁ ଅବଗତ କରାଇଥିଲେ। ମହିଳାମାନଙ୍କୁ ସଶକ୍ତ କରିବାରେ କ'ଣ ଅସୁବିଧା ରହୁଛି। କେଉଁ ଦିଗପ୍ରତି ଧ୍ୟାନ ଦିଆଗଲେ ତାହା ଦୂର ହୋଇପାରିବ ତା' ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସରପଞ୍ଚମାନେ ଏଥିରେ ଅଂଶଗ୍ରହଣ କରି ମତାମତ ରଖିଥିଲେ। ଗବେଷଣା ସଂସ୍ଥାର ନିର୍ଦ୍ଦେଶିକା ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ଗବେଷଣା ଚକ୍ରର ସଭାପତି ବିଜୟ ବହିଦାର, ସାଂଶ୍ରୀଷ୍ଟିର ମୁଖ୍ୟ ଆଶା ହିଂସ, ଦିଲ୍ଲୀ ୟୁନିଭର୍ସିଟିର ପଞ୍ଚାୟତିରାଜ ବିଶେଷଜ୍ଞ ବିଶ୍ୱବିଜୟିନୀ ନନ୍ଦ, ରାଜନୀତି ବିଜ୍ଞାନ ପ୍ରଫେସର ନୁପୁର ରାୟ, ଗବେଷକ ପଞ୍ଚାୟତରାଜ ଓ ଗ୍ରାମୀଣ ବିକାଶର ରାଜ୍ୟ ସଂଯୋଜକ ନିରାକାର ବେହେରା, ଲୋକବିକାଶ ସଂସ୍ଥାର ସଂପାଦକ ସେକ୍ ସଫିକ୍, ଗବେଷକ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶର ଯାଜପୁର ଜିଲ୍ଲା ସଂଯୋଜକ ଦେବବ୍ରତ ରାଉତ, ପଞ୍ଚାୟତରାଜ ବିଭାଗର ପ୍ରଶିକ୍ଷକ ବିନୋଦ ବିହାରି ମହାପାତ୍ର, ସାମାଜିକକର୍ମୀ ତାପସୀ ପ୍ରହରାଜ, କନକଲତା ଭଞ୍ଜ, ନିରୁପମା ରଥ, ସୁଜାତା ମଲିକ, ସୁଧାଂଶୁ ଶେଖର ନାୟକଙ୍କ ସମେତ ବହୁ ସାମଜିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରଶିକ୍ଷିକା ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ୟୁନିଭର୍ସିଟିର ରାଜନୀତି ବିଜ୍ଞାନୀ ତଥା ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷଜ୍ଞ ମନୋରଞ୍ଜନ ମହାନ୍ତି, ବିଦ୍ୟୁତ ମହାନ୍ତି, ଜର୍ଜ ମାଥ୍ୟୁସ୍ ପ୍ରମୁଖ ଅତିଥି ଭାବରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଭାଷି ମାଧ୍ୟମରେ ସମ୍ମିଳନୀ କକ୍ଷରେ ଯୋଗଦେଇଥିବା ବିଶେଷଜ୍ଞ, ସାମଜିକ କର୍ମୀ, ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିବା ସହ ପଞ୍ଚାୟତ ଓ ଗ୍ରାମୀଣ ବିକାଶ ସଂପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରତିନିଧି ମାନେ ପ୍ରଶ୍ନର ଉତ୍ତର ରଖିବା ସହ ପଞ୍ଚାୟତରେ ତା'ର କାର୍ଯ୍ୟକାରିତା ସଂପର୍କରେ ବିସ୍ତୃତ ବିବରଣୀ ଉପସ୍ଥାନ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜନଗଣନା ତଥ୍ୟର ବ୍ୟବହାର ସମ୍ପର୍କିତ କର୍ମଶାଳା

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ପପୁଲେସନ ଷ୍ଟଡିଜ (ଜନସଂଖ୍ୟା ଅଧ୍ୟୟନ) ସ୍ନାତକୋତ୍ତର ବିଭାଗ ଦ୍ୱାରା ଏକ ଦିନିକିଆ କର୍ମଶାଳାର ଆୟୋଜିତ ହୋଇଯାଇଛି। ସାମାଜିକ ବିଜ୍ଞାନ ଅନୁସନ୍ଧାନରେ ଜନଗଣନା ତଥ୍ୟର ବ୍ୟବହାର ମୁଖ୍ୟ ପ୍ରସଙ୍ଗକୁ ଭିତ୍ତି କରି ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଦିନିକିଆ କର୍ମଶାଳାର ଉଦ୍‌ଘାଟନ ହୋଇଥିଲା। ଏକ ଦିନିକିଆ କର୍ମଶାଳା ସାମାଜିକ ବିଜ୍ଞାନ ଅନୁସନ୍ଧାନରେ ଜନଗଣନା ତଥ୍ୟର ବ୍ୟବହାର ଉପରେ ଜ୍ଞାନ ଏବଂ ବୁଝାମଣା ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ଆୟୋଜିତ କରାଯାଇ ଥିଲା। କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ସ୍ଥିତ ଜନଗଣନା ତଥ୍ୟ କେନ୍ଦ୍ର, ଜନଗଣନା ତଥ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ସଂପର୍କରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର




ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ନିଜ ଅଭିଭାଷଣରେ ଏହି ଜନଗଣନା ତଥ୍ୟ ଯାହା ଗବେଷଣାତ୍ମକ ନିଷ୍ପତ୍ତି ନେବା ପାଇଁ ଉପଯୋଗୀ, ସାମାଜିକ-ଅର୍ଥନୈତିକ ଅର୍ଥନୈତିକ ନୀତିର ବିକାଶକୁ ସହଜ କରିଥାଏ, ନୀତି ନିର୍ଣ୍ଣୟ ତଥା ଯୋଜନା ପ୍ରଣୟନ ଓ ସରକାର ଓ ପ୍ରଶାସନ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ, ଓଡିଶାର ଜନଗଣନା ଅପରେସନ ନିର୍ଦ୍ଦେଶକ ଉଦୟ ନାରାୟଣ ଦାସ ଯୋଗଦେଇ ଜାତୀୟ ଜନଗଣନା ପ୍ରକ୍ରିୟାକୁ ସରଳ ବିଶ୍ଳେଷଣ କରିଥିଲେ। ଭବିଷ୍ୟତରେ ଏହି ପ୍ରକ୍ରିୟାର ଡିଜିଟାଲାଇଜେସନ ହେବାନେଇ ଆଶାବ୍ୟକ୍ତ କରିଥିଲେ। ଏଥିସହ ଫକୀରମୋହନ ବିଶ୍ୱ-ବିଦ୍ୟାଳୟରେ ଏପରି କର୍ମଶାଳାର ଆୟୋଜନକୁ ଅନେକ ପ୍ରଶଂସା କରିଥିଲେ। ଏହି କର୍ମଶାଳାର ନିଷ୍କର୍ଷକୁ ନେଇ ଆଗାମୀ ଜନଗଣନା ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବାର ସମ୍ଭାବନାର ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆଇ.ଆଇ.ପି.ଏସ, ମୁମ୍ବାଇର ପ୍ରଫେସର ସଂଜୟ କୁମାର ମହାନ୍ତି ଯୋଗଦେଇ ଜନଗଣନା ତଥ୍ୟକୁ ଗବେଷକଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ସାଧାରଣ ଓ ଅନନ୍ୟ ତଥ୍ୟ ସଂଗ୍ରହର ସୁନାଖଣି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ପପୁଲେସନ ଷ୍ଟଡିଜ୍ ବିଭାଗର ଆଡଜଙ୍କ୍ଟ ପ୍ରଫେସର, ପ୍ରଫେସର ଲକ୍ଷ୍ମୀନାରାୟଣ ଦାଶ ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ଓ ଆଭିମୁଖ୍ୟକୁ ବୁଝାଇ କହିଥିଲେ। ଜନଗଣନା, ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନପିଆର), ନମୁନା ରେଜିଷ୍ଟ୍ରେସନ ସିଷ୍ଟମ (ଏସଆରଏସ), ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମ (ସିଆରଏସ), ମୃତ୍ୟୁ କାରଣରୁ ମେଡିକାଲ ସାର୍ଟିଫିକେଟ୍, ଏବଂ ଷ୍ଟାଟା ସଫ୍ଟୱେରରେ ଜନଗଣନା ମାଇକ୍ରୋ ତଥ୍ୟର ବ୍ୟବହାର ଉପରେ ଧ୍ୟାନ ଦେଇ କର୍ମଶାଳାଟି ଆୟୋଜିତ କରାଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦ ଜଣ ଗବେଷକ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାସହିତ ଆମନ୍ତ୍ରିତ ବକ୍ତା ତଥା ବିଶେଷଜ୍ଞ ଭାବେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଓଆରଜିଆଇର ଡେପୁଟି ଡାଇରେକ୍ଟର ଡ଼କ୍ଟର ଜିତେନ୍ଦ୍ର ଗଉଡ଼, ଓଡ଼ିଶାର ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଅଶୋକ ମିଶ୍ର, ହରଧନ କର୍ମି, ଆସିଷ୍ଟାଣ୍ଟ ଡାଇରେକ୍ଟର ସୁଜିତ କୁମାର ପ୍ରଧାନ ଓ ମନିପାଲ ଟାଟା ମେଡିକାଲ କଲେଜ, ଜାମସେଦପୁରର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ମହମ୍ମଦ ହଫିଜ ଉର ରହମାନ ପ୍ରମୁଖ ଉପସ୍ଥିତ ହୋଇ ଦୁଇଟି ଅଧିବେଶନରେ ମୁଖ୍ୟ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଚାଳନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ମୋଆତୁଲା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ବିଭାଗ ମୁଖ୍ୟ ଡକ୍ଟର ଗ୍ରେସ ବି ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡକ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





# ମଇ ଆରମ୍ଭରୁ ବୃହସ୍ପତି ବୃଷରେ ...


ଉପସ୍ଥାପନା: ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

ପ୍ରତ୍ୟେକ ୧୩ ମାସରେ ବୃହସ୍ପତି ଚଳନ କରିଥାନ୍ତି । ସେହି ଅନୁପାତରେ ଚଳିତ ବର୍ଷ ମଇ ଆରମ୍ଭରୁ ଦେବଗୁରୁ ମେଷ ରାଶି ତ୍ୟାଗ କରି କୃତିକା ନକ୍ଷତ୍ର ବୃଷ ରାଶିକୁ ଚଳନ ହେବେ । 'ରାଷ୍ଟ୍ରୀୟ ପଞ୍ଚାଙ୍ଗ' ତଥା ବିଭିନ୍ନ ରାଜ୍ୟରେ ପ୍ରକାଶିତ ପଞ୍ଜିକାରେ ମଇ ୧ ତାରିଖ ମଧ୍ୟାହ୍ନ ପରେ ଏବଂ କେତେକ ପଞ୍ଜିକାରେ ମଇ ୨ ତାରିଖ ପୂର୍ବାହ୍ନରେ ବୃହସ୍ପତି ଚଳନ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ସେ କ୍ରମରେ ମଇ ମାସ ଆରମ୍ଭରୁ ହିଁ ବୃହସ୍ପତି ବୃଷକୁ ଚଳନ କରିବେ । ଫଳରେ ଦେଶ ଓ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାମାନ ଘଟିବା ସଙ୍ଗେ ସଙ୍ଗେ ରାଜନୈତିକ କ୍ଷେତ୍ରରେ ହଟଚମଟ ସୃଷ୍ଟି ହେବ । ଦେଶରେ ଶାସକ ଦଳ ନିଜର ଆଧିପତ୍ୟ ଜାହିର କରି ସାଫଲ୍ୟ ମଣ୍ଡିତ ହେଲେ ମଧ୍ୟ ଆମ ରାଜ୍ୟରେ ଶାସକ ଦଳର ପତିଆରା କ୍ଷୁର୍ଣ୍ଣ ହେବାର ଆଶଙ୍କା । ବିଜ୍ଞାନ ଓ କାରୀଗରି କ୍ଷେତ୍ରରେ ଆମ ଦେଶ ବେଶ୍ ପ୍ରଶଂସା ଭାଜନ ହେବ । ସୀମାରେ ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି ହେବାର ସୂଚନା । କୂଟ ନୈତିକ ସ୍ତରରେ ଭାରତକୁ ବିଭିନ୍ନ ରାଷ୍ଟ୍ରର ସମର୍ଥନ ଲାଭ ହେବ । ଚୀନ୍, ଜାପାନ୍, ରୁଷ, ଆଫଗାନିସ୍ତାନ୍, ପାକିସ୍ତାନ, ଇସ୍ରାଏଲ୍, ଇରାନ୍ ଆଦି ରାଷ୍ଟ୍ରମାନଙ୍କରେ ଅଶାନ୍ତି, ରକ୍ତପାତ, ଯୁଦ୍ଧ ଉତ୍ତେଜନା, ଅସ୍ତ୍ର ଶସ୍ତ୍ର ନଷ୍ଟ । ଯାନବାହାନ ଦୁର୍ଘଟଣାରେ କ୍ଷୟ କ୍ଷତିର ଆଶଙ୍କା । ବୃହସ୍ପତି କୃତିକା ବୃଷରେ ଥାଇ ଜୁନ୍ ପ୍ରଥମ ସପ୍ତାହରେ ଉଦୟ ହେବା କାରଣରୁ ଅଗ୍ନିଉତ୍ପାତ, ଅଂଶୁଘାତ, କୀଟ ଦୋଷରୁ ପୀଡ଼ା ଏବଂ ଶସ୍ତ୍ରାସ୍ତ୍ର ଭୟର ସୂଚନା । ଅନେକ ସ୍ଥାନରେ ମାନବିକ ମୂଲ୍ୟବୋଧର କ୍ଷୟ ତଥା ଆଧ୍ୟାତ୍ମିକ ଚେତନାର ଅବକ୍ଷୟ ଅବଶ୍ୟାମ୍ଭାବି । ଆମ ଦେଶରେ ବୈଦେଶିକ ମୁଦ୍ରା ପାଣ୍ଠିର ଅଭିବୃଦ୍ଧି ହେବ । ଭାରତୀୟ ମୁଦ୍ରାର ମୂଲ୍ୟରେ ହ୍ରାସ ଘଟିବ । ମହିଳାମାନଙ୍କର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇବ । ଏ ଚଳନରେ ପ୍ରଧାନମନ୍ତ୍ରୀଙ୍କର ପ୍ରାରମ୍ଭିକ ବାଧା ସୃଷ୍ଟିକାରୀ ହେଲେ ମଧ୍ୟ ପରେ ପ୍ରବଳ ଶୁଭ ଯୋଗପ୍ରଦାୟକ ହେବ । ସେହିପରି ମୁଖ୍ୟମନ୍ତ୍ରୀ ମହୋଦୟଙ୍କର ଜୁନ୍ ପ୍ରଥମ ସପ୍ତାହ ପରେ ଶୁକ୍ର ମହାଦଶାରେ ବହୁ ସାଫଲ୍ୟତା ମଧ୍ୟରେ ସ୍ୱାସ୍ଥ୍ୟ ପୀଡ଼ାର ସୂଚନା । ପରନ୍ତୁ ନିଜର ଆଧିପତ୍ୟରେ ପ୍ରଶଂସାଭାଜନ ହେବେ ।

ଏ ଚଳନରେ ଦ୍ୱାଦଶ ରାଶି ଭଲ ମନ୍ଦ ମିଶ୍ରିତ ଫଳ ଲାଭ କରିବେ । ମେଷ, କର୍କଟ, କନ୍ୟା, ବିଛା, ମକର ଏମାନଙ୍କର ଗୋଚରରେ ଦ୍ୱିତୀୟ, ଏକାଦଶ, ନବମ, ସପ୍ତମ ଓ ପଞ୍ଚମ ହେତୁ ଶୁଭଫଳ ଲାଭ କରିବେ । ଅବଶିଷ୍ଟ ରାଶି ଜାତ ବ୍ୟକ୍ତିମାନେ ସେମାନଙ୍କର ଗୋଚରରେ ଅଶୁଭ ହେତୁ ଅଶୁଭ ଫଳ ଲାଭ କରିବେ । ଏଠାରେ ଦ୍ୱାଦଶ ରାଶିର ଭଲ ମନ୍ଦ କଥା ସଂକ୍ଷିପ୍ତରେ ଉପସ୍ଥାପିତ ହୋଇଛି । ବୃଷ, ମିଥୁନ, ସିଂହ, ତୁଳା, ଧନୁ, କୁମ୍ଭ ଓ ମୀନ ରାଶି ଜାତି ବ୍ୟକ୍ତିଙ୍କର ଗୋଚରରେ ଅଶୁଭ । ଏଣୁ ଏ ରାଶି ଜାତ ବ୍ୟକ୍ତିମାନେ ଗୁରୁବାରରେ ଗ୍ରହ ଇଷ୍ଟ ତାରା ପୂଜା କଲେ ଅଥବା ବ୍ରହ୍ମଯଷ୍ଟି ମୂଳ ହଳଦିଆ ସୂତାରେ ଧାରଣ କଲେ ଶୁଭଫଳ ମିଳିଥାଏ । ଗୁରୁବାରରେ ହଳଦିଆ ବସ୍ତ୍ର ଧାରଣ ସହିତ ହଳଦି ବର୍ଣ୍ଣ ଖାଦ୍ୟ ଖାଇଲେ ବା ହଳଦିକୁ ମଥାରେ ତିଳକ କରି ଧାରଣ କଲେ ମଧ୍ୟ ବୃହସ୍ପତିଙ୍କ କୁଦୋଷ ନିବାରିତ ହୁଏ ।

## ବୃହସ୍ପତି ଚଳନର ଗୋଚର ଚନ୍ଦ୍ର

| | | |
|---|---|---|
| (ଜନ୍ମ) ବୃଷ / (ଦ୍ୱାଦଶ) ମିଥୁନ | (ଦ୍ୱିତୀୟ) ମେଷ | (ତୃତୀୟ) ମୀନ / (ଚତୁର୍ଥ) କୁମ୍ଭ |
| (ଏକାଦଶ) କର୍କଟ | ୩ / ୨ | (ପଞ୍ଚମ) ମକର |
| (ଦଶମ) ସିଂହ / (ନବମ) କନ୍ୟା | (ଅଷ୍ଟମ) ତୁଳା | (ଷଷ୍ଠ) ଧନୁ / (ସପ୍ତମ) ବିଛା |



**ମେଷ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଦ୍ୱିତୀୟ ସ୍ଥାନରେ ଅବସ୍ଥାନ କରିବେ । ଦ୍ୱିତୀୟ ବୃହସ୍ପତି ସାଧାରଣତଃ ଶୁଭଦାୟୀ ହୋଇଥାନ୍ତି । ଏଣୁ ପାରିବାରିକ ଶାନ୍ତି ବଜାୟ ରହିବା ସଙ୍ଗେ ସଙ୍ଗେ ସାରା ବର୍ଷ ଖୁସିରେ ସମୟ ଅତିବାହିତ ହେବ । ରୋଜଗାରରେ ଉନ୍ନତି ଆସିବ । ଦୂରଯାତ୍ରା କରି ଆନନ୍ଦ ଅନୁଭବ କରିବେ । କୌଣସି ଶୁଭ କାର୍ଯ୍ୟ ସମ୍ପାଦନ କରିବାର ସୁଯୋଗ ଆସିପାରେ ।



**ବୃଷ:** ଆପଣଙ୍କର ଏହି ଚଳନରେ ଜନ୍ମ ବୃହସ୍ପତି ହେଉଅଛନ୍ତି । ଏଣୁ କର୍ମକ୍ଷେତ୍ରରେ ବାଧାବନ୍ଧନ ଯୋଗ ସୃଷ୍ଟି କାରକ ହେବ । ସ୍ଥାନ ଚ୍ୟୁତି ହେବା ସଙ୍ଗେ ସଙ୍ଗେ ମାନସିକ ଅଶାନ୍ତିର ଆଶଙ୍କା । ମନରେ ଅହଂକାର ଆସିବ । ପରିବାରରେ ଦ୍ୱନ୍ଦ୍ୱ ନିଜକୁ ବିଚଳିତ କରିବ । ଧୈର୍ଯ୍ୟହୀନ ହୋଇପଡ଼ିବେ । କର୍ମାକର୍ମ ଜ୍ଞାନ ରହିବ ନାହିଁ । ଅଯଥା ଭ୍ରମଣର ଶୀକାର ହେବେ ।



**ମିଥୁନ:** ଆପଣଙ୍କର ଏ ଚଳନରେ ଦେବଗୁରୁ ଦ୍ୱାଦଶ ସ୍ଥାନରେ ଅବସ୍ଥାନ କରିବେ । ଏଣୁ ନିଜର ଜିଦ୍‌ଖୋର ମନୋବୃତ୍ତି ପାଇଁ ବର୍ଷକ ବହୁ ସମୟରେ ଅଯଥା ଯୁକ୍ତିତର୍କର ସମ୍ମୁଖୀନ ହେବେ । ରୋଜଗାର ଠାରୁ ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଦ୍ୱନ୍ଦ୍ୱ ଉପୁଜିପାରେ । ଶତ୍ରୁ ପରିମାଣ ବୃଦ୍ଧି ପାଇବ । ବନ୍ଧୁ ମତାନ୍ତରର ଆଶଙ୍କା । ଆୟ ପୂର୍ବ ପରି ଅବ୍ୟାହତ ରହିବ ।



**କର୍କଟ:** ଆପଣଙ୍କର ଏ ଚଳନରେ ଏକାଦଶ ବୃହସ୍ପତି ସବୁ ପ୍ରକାର ସୁଖ ସମ୍ପଦ ପ୍ରଦାନକାରୀ ହେବେ । ବହୁ ପ୍ରକାର ଲାଭାନ୍ୱିତ ହେବେ । ନୂତନ ଦ୍ରବ୍ୟ ବା ଯାନବାହାନ କ୍ରୟ କରିବାର ସୁଯୋଗ ଆସିବ । ନୂତନ ଗୃହ ନିର୍ମାଣ, ଗୃହ ପ୍ରବେଶ ବା କୌଣସି ଶୁଭ କର୍ମାନୁଷ୍ଠାନ କରି ଆପ୍ୟାୟିତ ହେବେ । ଶତ୍ରୁମାନେ ପରାହତ ହେବେ । ପରିବାରରେ ଉନ୍ନତି ସଙ୍ଗେ ସଙ୍ଗେ କର୍ମକ୍ଷେତ୍ରରେ ପ୍ରଶଂସା ଭାଜନ ହେବେ ।



**ସିଂହ:** ଆପଣଙ୍କର ଏବର୍ଷ ଚଳନରେ ଦଶମ ବୃହସ୍ପତି ଭୋଗ ହେବେ । ଫଳରେ କର୍ମକ୍ଷେତ୍ରରେ ନିଜର ଉର୍ଦ୍ଧ୍ୱତ୍ୱ ବୃଦ୍ଧି ପାଇବ । ହିତେ ବିପରୀତ କାର୍ଯ୍ୟ ନିମନ୍ତେ ପ୍ରଭାବିତ ହେବେ । ବନ୍ଧୁମତାନ୍ତର ସଙ୍ଗେ ସଙ୍ଗେ ମନାନ୍ତରର ଆଶଙ୍କା । ସନ୍ତାନ ସନ୍ତତି ବା ପରିବାର ପାଇଁ ଚିନ୍ତା ବଢ଼ିବ । ମାନସିକ ଅଶାନ୍ତି ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ଅପମାନ ବୋଧ କରିବେ । ଭାତୃ ଦ୍ୱନ୍ଦ୍ୱର ଆଶଙ୍କା ରହୁଛି ।



**କନ୍ୟା:** ଆପଣଙ୍କର ଏ ଚଳନରେ ଦେବଗୁରୁ ନବମ ଭାବରେ ଅବସ୍ଥାପିତ । ନବମ ବୃହସ୍ପତି ସାଧାରଣତଃ ଶୁଭ କାରକ ହୋଇଥାନ୍ତି । ଆପଣଙ୍କର ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସନ୍ତାନ ସନ୍ତତିଙ୍କ ଯୋଗେ ଉନ୍ନତି ସାଧିତ ହେବ । କାର୍ଯ୍ୟକ୍ଷେତ୍ରରେ ଆଧିପତ୍ୟ ବୃଦ୍ଧି ପାଇବ । ଯାନବାହାନ ବା ଭୂମି କ୍ରୟ ଯୋଗ ରହୁଛି । ଶୁଭ କର୍ମ ସହିତ ରାଜ ସମ୍ମାନ ପ୍ରାପ୍ତି ।



**ତୁଳା:** ଆପଣଙ୍କର ଏ ଚଳନରେ ଅଷ୍ଟମ ବୃହସ୍ପତି । ଫଳରେ ବହୁ ସମୟରେ ପାରିବାରିକ ଅଶାନ୍ତି ଦେଖାଦେବ । କର୍ମକ୍ଷେତ୍ର ଜଂଜାଳମୟ ହେବ । ହିତକଥା ଅହିତ ଲାଗିବ । ସାମୟିକ ସ୍ୱାସ୍ଥ୍ୟ ଚିନ୍ତା ହେବ । ଆୟ ବ୍ୟୟ ପ୍ରାୟତଃ ସମାନ ରହିବ । ଜିଦ୍‌ଖୋର୍ ପଣ ବୃଦ୍ଧି ପାଇବ । ସାମାଜିକ ସ୍ତରରେ ତିରସ୍କୃତ ହେବେ । ଅଯଥା ଯୁକ୍ତି ତର୍କ ତଥା କଳହର ସାମ୍ନା କରିବାକୁ ପଡ଼ିବ ।



**ବିଛା:** ଏ ଚଳନରେ ବୃହସ୍ପତି ଆପଣଙ୍କର ସପ୍ତମ । ଏଣୁ କାର୍ଯ୍ୟକ୍ଷେତ୍ରରେ ଆନନ୍ଦ ଲାଭ କରିବେ । ଅକସ୍ମାତ୍ କେଉଁ ସୂତ୍ରରୁ ଅର୍ଥ ପ୍ରାପ୍ତି କରି ଆନନ୍ଦିତ ହେବେ । ପାରିବାରିକ ସହଯୋଗ ପ୍ରାପ୍ତ କରି ନୂତନ କର୍ମ ପଥରେ ଆଗେଇ ଚାଲିବେ । ଶତ୍ରୁମାନଙ୍କୁ ପରାସ୍ତ କରିବାରେ ସକ୍ଷମ ହେବେ । ସାମାଜିକ ସ୍ତରରେ ନିଜର ଆଧିପତ୍ୟ ବୃଦ୍ଧି ପାଇବ। ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦୂରୀଭୂତ ହେବ ।



**ଧନୁ:** ଷଷ୍ଠ ବୃହସ୍ପତି ଏ ଚଳନରେ ଆପଣଙ୍କର ରହିବେ । ଫଳରେ ପାରିବାରିକ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା । ନିଜର ନୀତିଗତ କାରଣରୁ ମହାଦାନୀ କର୍ଣ୍ଣଙ୍କ ପରି ପରିସ୍ଥିତି ଉପୁଜିବ । ମାନସିକ ଯନ୍ତ୍ରଣା ବୃଦ୍ଧି ପାଇବ । ଆୟ ବ୍ୟୟ ସମାନ ରହିଲେ ମଧ୍ୟ ସ୍ୱାସ୍ଥ୍ୟଚିନ୍ତା ନିଜକୁ ବିବ୍ରତ କରିବ । ନିଜ ଲୋକଙ୍କର ହିତ କଥା ଅହିତ ମନେ ହେବ । ବନ୍ଧୁ ମତାନ୍ତର ସୃଷ୍ଟି ହେବ ।



**ମକର:** ଆପଣଙ୍କର ଏ ଚଳନରେ ଗୋଚରରେ ବୃହସ୍ପତି ପଞ୍ଚମ ଭାବରେ ରହି ବିଭିନ୍ନ ଶୁଭଫଳ ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବା ସହିତ ଉନ୍ନତି କାରକ ସାଜିବେ । ନାନା କ୍ଷେତ୍ରରେ ବନ୍ଧୁ ସହଯୋଗ ଲାଭ ହେବ । ଆୟରେ ଅଭିବୃଦ୍ଧି ଘଟିବ । ଶୁଭ କାର୍ଯ୍ୟ ସମ୍ପାଦନ କରି ଆନନ୍ଦିତ ହେବେ । ଆକସ୍ମିକ ସନ୍ତାନ ଲାଭ ହେବାର ସୂଚନା ।



**କୁମ୍ଭ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଚତୁର୍ଥ ଭାବରେ ଅବସ୍ଥାନ କରିବେ । ଫଳରେ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଉପୁଯିବ । ବୃଥା କଳହ ହେବା ସଙ୍ଗେ ସଙ୍ଗେ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଦ୍ରବ୍ୟ ହାନିର ଆଶଙ୍କା ରହୁଛି । ପାରିବାରିକ ଜୀବନରେ ଅଶାନ୍ତିର ସୂତ୍ରପାତ ହେବ । ଗୁରୁଜନ ବା ସନ୍ତାନ ସନ୍ତତିଙ୍କ ପାଇଁ ଶାନ୍ତିରେ ବ୍ୟାଘାତ ଉପୁଯିବ । ରୋଜଗାର ମଧ୍ୟମ ହେବ ।



**ମୀନ:** ଆପଣଙ୍କର ବୃହସ୍ପତି ତୃତୀୟ ହେବେ । ଫଳରେ ବନ୍ଧୁ ମତାନ୍ତର ସମ୍ଭାବନା । ନିଜଲୋକ ଠିକ୍ ସମୟରେ କପଟତା ଆଚରଣ କରିବେ । ପାରିବାରିକ ସମସ୍ୟା ଲାଗିରହିବ । ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇଲେ ମଧ୍ୟ ଋଣ ଭାରରୁ ମୁକ୍ତି ମିଳିବ । ଅନ୍ୟର ଉପକାର କରି ନିନ୍ଦିତ ହେବେ । ଶୁଭ କର୍ମ କରି ଆନନ୍ଦ ଲାଭ କରିବେ ।

*ସାନବଜାର, ଯାଜପୁର*
*ସମ୍ପର୍କ- ୯୩୩୭୬୯୩୦୨୨*

# ସମ୍ବଲପୁର-ସୋନପୁର ରୋଡ଼ରେ ଦୁର୍ଘଟଣା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସମ୍ବଲପୁର ରୋଡ଼ର ସିଂଣ୍ଡୋଲ ଠାରେ ରାତି ୧୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୀର୍ଘ ଛଅ ଘଣ୍ଟା ପରେ ଉଦ୍ଧାର ହେଲେ ଟ୍ରଲର ଗାଡ଼ିର ଡ୍ରାଇଭର । ଖବରରୁ ପ୍ରକାଶ ଯେ ରାତି ୧୨ଟାରେ ସମ୍ବଲପୁରରୁ କେସିଙ୍ଗା ଯାଉଥିବା ଏକ ଟ୍ରଲର ଗାଡ଼ି ସମାନ ଦିଗରୁ ଆସୁଥିବା ରୋଲର ବୋଝେଇ ୪୦୭ ଗାଡ଼ି ପଛ ପଟେ ଧକ୍କା ହେବାରୁ ଉଭୟ ଗାଡ଼ି ଚୂର୍‌ମାର୍ ହୋଇଥିବା ଜଣାପଡିଛି । ୪୦୭ ପିକ୍‌ଅପ୍ ଭ୍ୟାନ୍ ହଠାତ୍ ବ୍ରେକ୍ ଦେବାରୁ ପଛ ପଟେ ଆସି ଟ୍ରଲର ଗାଡ଼ିଟି ପିଟି ହୋଇଥିବା ଜଣାପଡିଛି । ସୋନପୁର ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଛଅ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ବିପଦ ଜନକ ଅବସ୍ଥାରେ ଫସି ରହିଥିବା ଟ୍ରଲର ଗାଡ଼ିର ଡ୍ରାଇଭରକୁ ଉଦ୍ଧାର କରିଥିଲେ ଏବଂ ଏକ ନିଶ୍ଚିତ ମୃତ୍ୟୁରୁ ଡ୍ରାଇଭରର ଜୀବନ ବଞ୍ଚାଇଥିଲେ ।

# ବାଲିଗୁଡ଼ା ଓ କ.ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ବହିଷ୍କୃତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ଅନେକ ସ୍ଥାନରେ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିବା ସହ ନିଜ ଦଳ ସପକ୍ଷରେ ଭୋଟରଙ୍କୁ ମନାଉଛନ୍ତି । କନ୍ଧମାଳ ଜିଲ୍ଲାରେ କଂଗ୍ରେସ ସ୍ଥିତି ମଜବୁତ କରିବାକୁ ଚେଷ୍ଟା କରୁଥିବା ବେଳେ ଦଳ ଭିତରେ ରହି ଦଳ ବିରୋଧି କାର୍ଯ୍ୟ କରିବା ବିଷୟ ପଦାକୁ ଆସିଛି । ପଦବୀ ରହି ଦଳ ବିରୋଧି କାର୍ଯ୍ୟ କରୁଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲିଗୁଡା ବ୍ଲକ ସଭାପତି ଆଇବର ନାୟକ ଓ କ.ନୂଆଗାଁ ବ୍ଲକ ସଭାପତି ଜିତେନ୍ଦ୍ର ଦିଗାଲଙ୍କୁ ପଦବୀରୁ ବହିଷ୍କୃତ କରିଛନ୍ତି। ପଦବୀରେ ଥାଇ ଗଣମାଧ୍ୟମରେ ଦଳ ବିରୋଧୀ ମନ୍ତବ୍ୟ ଦେଇ ନିୟମ ଭଙ୍ଗ କରିଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେମାନଙ୍କ ବଦଳରେ ନୂତନ ବାଲିଗୁଡା ବ୍ଲକ ସଭାପତି ଭାବେ ଅଭିଷେକ ଦିଗାଲ ଓ କ.ନୂଆଗାଁ ବ୍ଲକ ସଭାପତି ଭାବେ ଶୁକଦେବ ଦିଗାଲଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ବାଲିଗୁଡା ନିର୍ବାଚନ ମଣ୍ଡଳୀ ସଂଯୋଜକ ଭାବେ ସୁରେଶ କୁମାର ପତିଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଷୟ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ।



# ନବୀନ ନିବାସରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡ଼ିର ବିଧାୟକ ପ୍ରାର୍ଥୀ ଖୋଦ୍ ନବୀନ ପଟ୍ଟନାୟକଙ୍କ ନାଁ ଘୋଷଣା ପରେ ନିର୍ବାଚନ ମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି । ଏଠାରେ ଆଗଧାଡିର ନେତୃତ୍ୱ ନେଉଥିବା ନେତା ନେତ୍ରୀ ମାନେ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଛନ୍ତି । ବଲାଙ୍ଗିର ବିଜେଡି ଯୁବନେତା ଡାକ୍ତର ଅମଜଦ ଖାଁଙ୍କ ନେତୃତ୍ୱରେ ୧୦୦ରୁ ଅଧିକ ସକ୍ରିୟ କର୍ମକର୍ତ୍ତା ନବୀନ ନିବାସ ଯାଇ ତାଙ୍କୁ ସାକ୍ଷାତ କରିବା ସହ ସ୍ୱାଗତ କରିଛନ୍ତି । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ୨୫ ସରପଞ୍ଚ, ୨୦ ସମିତି ସଭ୍ୟ, ମୁରିବାହଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାପତି ଗୋପା ମହାନନ୍ଦ, ଜୋନାଲ ମିଡ଼ିଆ ସଂଯୋଜକ ସିମରନ କୌର, ବିଜେଡି ଦଳ ୧ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟବଧାନରେ ଭୋଟ୍ ପାଇ ବିଜୟୀ ହେବ ବୋଲି ମଧ୍ୟ ଏହି ସଦସ୍ୟମାନେ ସଂକଳ୍ପ ନେଇଥିବା କହିଛନ୍ତି । ଏହି ଅବସରରେ ମୁସଲିମ ସମ୍ପ୍ରଦାୟର ପ୍ରତିନିଧି, ଖ୍ରୀଷ୍ଟିୟାନ ସମାଜ ପ୍ରତିନିଧି, ଲକ୍ଷେ ଘର ଗଣ୍ଡା ସମାଜର ବଙ୍ଗୋମୁଣ୍ଡା ବ୍ଲକ ଓ କଣ୍ଟାବାଞ୍ଜିର ପ୍ରତିନିଧି, କନ୍ଧ ସମାଜ କଣ୍ଟାବାଞ୍ଜି ପ୍ରତିନିଧିମାନେ ଯୋଗଦେଇ ନିଜର ସମର୍ଥନ ଜଣାଇଛନ୍ତି । ଏହି ଅବସରରେ ବହୁ ବିଜେଡ଼ି ସକ୍ରିୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡ଼ିରେ ଯୋଗଦେଲେ ୪ ପୂର୍ବତନ ବିଜେପି କାଉନ୍‌ସିଲର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ମ୍ୟୁନିସିପାଲିଟିର ୪ଜଣ ପୂର୍ବତନ ବିଜେପି କାଉନସିଲର ରତନ ସୁନା, ଗଙ୍ଗାଧର ଷଣ୍ଢ, ବିରେନ୍ଦ୍ର ରାୟ ଓ ଜୟକିଶୋର ଜାଲ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ୪ଜଣ ବିଜେପି କାଉନସିଲରଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ବିଜେପି ନେତାଙ୍କ ଯୋଗଦାନ ଫଳରେ ବିଶେଷକରି ସମ୍ବଲପୁରରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ୪ଜଣ କାଉନସିଲର ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବଳ ଗ୍ରୀଷ୍ମରେ ଚାଲିଛି ଇଟାଭାଟି କାମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ପ୍ରବଳ ଗ୍ରୀଷ୍ମ ତାପରେ ସାଧାରଣ ଲୋକ ଓ ଜୀବନଯାପନ ଅସ୍ତବ୍ୟସ୍ତ ଥିବା ଏବଂ ଘରୁ ବାହାରିଲା ବେଳେ ଲୋକ ଭୟଭୀତ ହେଉଥିବା ବେଳେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ଗରାପୁର ଆରଆଇ ଅଫିସ ନିକଟରେ ଚାଲିଥିବା ଏହି ବେଆଇନ୍ ଇଟାଭାଟି ଭାଟି ଗୁଡିକରେ ଶ୍ରମିକମାନେ କାମ କରୁଛନ୍ତି । ଜିଲ୍ଲା ଶ୍ରମ ବିଭାଗ ନିରବ ଦ୍ରଷ୍ଟା ସାଜିଥିବା ବେଳେ ଇଟାଭାଟିରେ କାମ କରୁଥିବା ଶ୍ରମିକ ମାନଙ୍କ ଜୀବନ ବିପଦ ଶଙ୍କୁଳ ହୋଇପଡିଛି । ଟାଉନ୍ ସଂଲଗ୍ନ ଗରାପୁର ଠାରେ ଦୀର୍ଘବର୍ଷ ହେଲା ବେଆଇନ୍ ଭାବେ ଇଟାଭାଟି ଚାଲୁଥିବା ବେଳେ ତହସିଲଦାର, ଆରଆଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଲୋକମାନଙ୍କ ମନରେ ତୀର୍ବ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ଇଟାଭାଟି ଗୁଡିକୁ ଜବତ କରିବା ସହିତ ବେଆଇନ୍ ଭାବରେ ନିର୍ମାଣ ହେଉଥିବା ଇଟାଭାଟି ମାଲିକ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜଗତସିଂହପୁର ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସମସ୍ତ ରାଜନୈତିକ ଦଳକୁ ଅଳକା ଆଶ୍ରମର ପ୍ରସ୍ତାବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକା ଆଶ୍ରମ ଓ ଜଗତସିଂହପୁର ବିକାଶ ମଞ୍ଚ ଆନୁକୂଲ୍ୟରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଠ ଗୋଟି ପ୍ରସ୍ତାବ ସମସ୍ତ ରାଜନୈତିକ ଦଳ ତଥା ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଛି। ଅଳକା ଆଶ୍ରମ ତଥା ଜଗତସିଂହପୁର ବିକାଶ ମଞ୍ଚର ଆବାହକ ଦେବେନ୍ଦ୍ର ନାଥ ରାଉତ ଓ ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ସ୍ୱାକ୍ଷରିତ ଏହି ପ୍ରସ୍ତାବ ପତ୍ର ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଓଡ଼ିଶା ରାଜ୍ୟ ବିଜେପି ପ୍ରଭାରୀ, ରାଜ୍ୟ କଂଗ୍ରେସ ସଭାପତି ଏବଂ ଅନ୍ୟ ନେତୃବର୍ଗଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରସ୍ତାବ ପତ୍ରରେ ଜଗତସିଂହପୁର ଜିଲ୍ଲାର ସାମଗ୍ରୀକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା କେତେ ଗୁଡିଏ ସମସ୍ୟାକୁ ଦୃଷ୍ଟି ଗୋଚରକୁ ଆଣିବାକୁ ପ୍ରୟାସ କରିବା ସହିତ ଏହାର ସମାଧାନ ପାଇଁ ପ୍ରତ୍ୟେକ ଦଳର ସ୍ଥାନୀୟ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିବାକୁ ଅନୁରୋଧ କରାଯାଇଛି। ସେଗୁଡିକ ମଧ୍ୟରୁ କୃଷି ଓ କୃଷକର ଉନ୍ନତି ନିମିତ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଚାଷ ଜମିରେ ଜଳସେଚନର ସୁବିଧା କରିବା ଓ କୃଷି ଜାତ ଦ୍ରବ୍ୟର ବିକ୍ରୟ ପାଇଁ ବ୍ୟବସ୍ଥିତ ବଜାର ବ୍ୟବସ୍ଥା ଅନ୍ତର୍ଭୁକ୍ତ । ବେକାରୀ ସମସ୍ୟାର ସମାଧାନ ପାଇଁ ଅଳକା ଆଶ୍ରମ ପରିସରରେ ବହୁମୁଖୀ ଲକ୍ଷ୍ୟ ସାଧନ କରୁଥିବା କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବା ପାଇଁ ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା, ତିର୍ତ୍ତୋଲ ସୂତାକଳକୁ ପୁନରୁଦ୍ଧାର, ଜିଲ୍ଲାର ସମସ୍ତ ଐତିହାସିକ ତଥା ପାରମ୍ପରିକ ଜ୍ଞାନପୀଠକୁ ପୁନରୁଦ୍ଧାର କରି ଏହାକୁ ଛାତ୍ରମାନଙ୍କ ପାଇଁ ଶିକ୍ଷା ଆହାରଣର କେନ୍ଦ୍ରରେ ପରିଣତ କରିବା, ଜିଲ୍ଲା ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ପସ୍ତାବ ମାନ ପ୍ରଦାନ କରାଯାଇଛି। ଏଥି ସହିତ ଜଗତସିଂହପୁରର ସୁଦୀର୍ଘ ବେଳାଭୂମି ଅଞ୍ଚଳକୁ ସଦୁପଯୋଗ କରି ଜିଲ୍ଲା ଅର୍ଥନୀତି ସହିତ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ହଜାର ହଜାର କର୍ମନିଯୁକ୍ତି ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହାର ଆଭ୍ୟନ୍ତରୀଣ ଗମନାଗମନ ବ୍ୟବସ୍ଥା ସୁଦୃଢ କରିବା ସହିତ ରାଜ୍ୟ ତଥା ଦେଶ ସହିତ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟକୁ ଯୋଡିବା ପାଇଁ ଉତ୍ତମ ସଡ଼କ ଓ ରେଳ ଯୋଗାଯୋଗ ବ୍ୟବସ୍ଥା ପାଇଁ ପଦେକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି। ଏହି ଦାବିପତ୍ର ଜଗତସିଂହପୁର ଜିଲ୍ଲାର ସମସ୍ତ ବିଧାନ ସଭାର ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀମାନଙ୍କ ପାଖକୁ ପ୍ରେରଣ କରାଯାଇଛି ବୋଲି ଆବାହକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ମାଟିର ଉନ୍ନତି ପାଇଁ ଏହିପରି ସଚେତନତା କାର୍ଯ୍ୟକ୍ରମ ସମସ୍ତ ନାଗରିକ ତଥା ସାମାଜିକ ଅନୁଷ୍ଠାନ ଗୁଡିକ ଗ୍ରହଣ କରିବାକୁ ଆବାହକ ଅନୁରୋଧ କରିଛନ୍ତି ।

# ଗୋ ଚାଲାଣ ବେଳେ ପୋଲିସର ଚଢଉ:୩୨ଟି ଗୋରୁ ଉଦ୍ଧାର,୫ ଗାଡ଼ି ଜବତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ରାତ୍ରର ବିଳମ୍ବିତ ପ୍ରହରରେ ସୁକରପଡାରୁ ରାଜ୍ୟ ବାହାରକୁ ବେଆଇନ୍ ଭାବେ ଗୋ ଚାଲାଣ ହେଉଥିବା ବେଳେ ଅତର୍କିତ ଭାବେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ଚଢଉ କରାଯାଇଥିଲା। ପୋଲିସ ଘଟଣାସ୍ଥଳରୁ ୩୨ଟି ଗୋରୁଙ୍କୁ ଉଦ୍ଧାର କରିଥିଲା ବେଳେ ୫ଟି ଗାଡ଼ିକୁ ଜବତ କରିଥିବାର ଜଣାଯାଇଛି। ଦୀର୍ଘ ବର୍ଷ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ସୁକରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦେ ପୋଖରୀ ହୁଡାରୁ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଶହ ଶହ ସଂଖ୍ୟାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଗାଇଗୋରୁ, ଷଣ୍ଢ ମାନଙ୍କୁ ଗୋ ମାଫିଆ ମାନେ ଅବାଧରେ ଚାଲାଣ କରୁଥିବା ଘଟଣା କାହାରିକୁ ଅଛପା ନାହିଁ । ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ତରଫରୁ ଏକାଧିକବାର ଚଢଉ କରାଯାଇଥିବାର ନଜିର ରହିଛି। ତେବେ ପୋଲିସ ପ୍ରଶାସନ ତରଫରୁ କେବଳ ଲୋକଦେଖାଣିଆ ଭାବେ ଏହି ଚଢଉ କରାଯାଉଥିବାର ସାଧାରଣରେ କୁହାଯାଉଛି । ସେହିପରିଭାବେ ଏହି ସ୍ଥାନରେ ଗୋ ଚାଲାଣ ଚାଲୁଥିଲା ବେଳେ ପୋଲିସ ଓ ଗୋ ମାଫିଆଙ୍କ ଲୁଚକାଳି ଖେଳ କାହାରିକୁ ଅଛପା ନାହିଁ। ଏହି ସ୍ଥାନରୁ ସୁଚିନ୍ତିତ ଭାବେ ଦୈନନ୍ଦିନ ସ୍ୱଷ୍ଟ ଦିବାଲୋକରେ ଗୋ ଚାଲାଣ କରାଯାଉଥିବାର ଜଣାଯାଇଛି। ରାତ୍ରର ବିଳମ୍ବିତ ପ୍ରହରରେ ଏହି ସ୍ଥାନରୁ ଗୋରୁ ଚାଲାଣ ହେଉଥିବାର ପୋଲିସକୁ ସୁରାକ ମିଳିଥିଲା। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଲାଣ ହେବାକୁ ଥିବା ୩୩ଟି ଗୋରୁଙ୍କୁ ଉଦ୍ଧାର କରିଥିବାର ଜଣାଯାଇଛି। ପୋଲିସ ଗୋଚାଲାଣ କରୁଥିବା ଅଭିଯୋଗରେ ୫ଟି ଗାଡିକୁ ଜବତ କରିଛି। ଏସମ୍ପର୍କରେ ଥାନା କେଶ ନଂ ୯୯/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ତେବେ ପୋଲିସ ରହସ୍ୟଜନକ ଭାବେ କୌଣସି ଗୋଚାଲାଣକାରୀଙ୍କୁ ଗିରଫ ନକରିବା ଘଟଣାକୁ ନେଇ ସାଧାରଣରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। ଏହି ଗୋରୁ ଗୁଡିକ ମଧ୍ୟରୁ ୧୮ଟି ଗୋରୁଙ୍କୁ ବଇରି ଗୋଶାଳାରେ ରଖାଯାଇଥିଲା ବେଳେ ୧୪ଟି ଗୋରୁଙ୍କୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଥିବାର ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସୂତ୍ରରୁ ପ୍ରକାଶ।

# ଏସୀୟ ଯୁବ ଦୌଡ଼କୁଦ : ଜୟରାମ, ମହେନ୍ଦ୍ରଙ୍କୁ କାଂସ୍ୟ
# ଜାତୀୟ ମାଷ୍ଟର୍ସ ଦୌଡ଼କୁଦରେ ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ

**ଭୁବନେଶ୍ୱର**

ଦୁବାଇରେ ଆୟୋଜିତ ୨୧ତମ ଏସୀୟ ୨୦ ବର୍ଷରୁ କମ୍ (ଯୁବ) ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ଦଣ୍ଡପତି ମୃତ୍ୟୁମ ଜୟରାମ ଓ ମହେନ୍ଦ୍ର ସାନ୍ତା କାଂସ୍ୟ ପଦକ ଜିତିଛନ୍ତି । ଉଭୟ ଭାରତୀୟ ୪ଗୁଣା୧୦୦ ମିଟର ରିଲେ ଦଳରେ ରହି ଏହି ପଦକ ପାଇଛନ୍ତି । ଭାରତ ୪୦.୦୧ ସେକେଣ୍ଡରେ ରେସ୍ ଶେଷ କରି ପୂର୍ବ ଜାତୀୟ କୀର୍ତ୍ତିମାନ (୪୦.୫୬)କୁ ଟପିବା ସହ ତୃତୀୟ ସ୍ଥାନରେ ରହିଥିଲା । ୧୦୦ ମିଟର ବାଧା ଦୌଡ଼ରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ସବିତା ଟପ୍ପୋ ପଦକ ଜିତି ନଥିଲେ ମଧ କନିଷ୍ଠ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ୩ ଜଣ କିଟ୍ ଓ କିସ୍‌ରେ ଅଧ୍ୟୟନ କରୁଥିଲା ବେଳେ ଓଡ଼ିଶା ରିଲାଏନ୍ସ ଦୌଡ଼କୁଦ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି ।



ଅନ୍ୟ ଜଣେ କିଟ୍ ଛାତ୍ର ସିଦ୍ଧାର୍ଥ ଚୌଧୁରୀ (୧୯.୦୨ ମିଟର) ସଟ୍‌ପୁଟ୍‌ରେ କାଂସ୍ୟ ପଦକ ଜିତିଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସେହିପରି ମହାରାଷ୍ଟ୍ରରେ ଶେଷ ହୋଇଥିବା ୪୩ତମ ଜାତୀୟ ମାଷ୍ଟର୍ସ ଦୌଡ଼କୁଦରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମହିଳା ଡିସ୍‌କସ ଥ୍ରୋରେ ୪୪.୫୫ ମିଟର ଏବଂ ସଟ୍‌ପୁଟ୍‌ରେ ୧୧.୨୫ ମିଟର ଦୂରତା ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ପାର୍ବତୀଙ୍କୁ ଏକ ଘରୋଇ ସଂସ୍ଥା ଆର୍ଥିକ ସହାୟତା ଦେଇଥିଲା । ଆଗକୁ ବିଶ୍ୱ ମାଷ୍ଟର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ପାର୍ବତୀ । ଏଥିଲାଗି ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଲେ ସେ ନିଶ୍ଚିତ ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି ପାର୍ବତୀ ।

# ୧୫୦ଟି ବିଜୟୀ ମ୍ୟାଚ୍‌ରେ ସାମିଲ ହେବାରେ ପ୍ରଥମ ଖେଳାଳି ହେଲେ ଧୋନୀ

**ନୂଆଦିଲ୍ଲୀ**

ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇର ବିଜୟ ସହ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ନୂଆ ରେକର୍ଡ କରିଛନ୍ତି । ସେ ଏହି ଟି-୨୦ ଟୁର୍ଣ୍ଣାମେଣ୍ଟ ଇତିହାସରେ ୧୫୦ଟି ବିଜୟୀ ମ୍ୟାଚ୍‌ରେ ସାମିଲ ହେବାରେ ପ୍ରଥମ ଖେଳାଳି ହୋଇପାରିଛନ୍ତି ।

୨୦୦୮ରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହେବା ପରଠାରୁ ଏମ୍‌ଏସ୍ ଧୋନି ଅଂଶଗ୍ରହଣ କରିଆସୁଛନ୍ତି । ସେ ଏପର୍ଯ୍ୟନ୍ତ ୨୫୯ଟି ମ୍ୟାଚ୍ ଖେଳିସାରିଲେଣି । ତାଙ୍କ ଅଧିନାୟକତ୍ୱରେ ଚେନ୍ନାଇ ପାଞ୍ଚଥର ଟ୍ରଫି ଜିତିଛି । ଚଳିତ ସଂସ୍କରଣରେ ଧୋନି ଅଧିନାୟକତ୍ୱ କରୁନାହାନ୍ତି । ତାଙ୍କ ସ୍ଥାନରେ ଋତୁରାଜ ଗାଇକ୍ୱାଡ୍ କ୍ୟାପ୍ଟେନ ଅଛନ୍ତି ।

ଅନ୍ୟାନ୍ୟ ରେକର୍ଡ କଥା ଯଦି କହିବା, ତେବେ ଧୋନି ଅଧିନାୟକ ଭାବେ ମଧ ରେକର୍ଡ କରିଛନ୍ତି । ୧୩୩ଟି ଆଇପିଏଲ ବିଜୟୀ ହେବାରେ ପ୍ରଥମ ଅଧିନାୟକ ହେଉଛନ୍ତି ଧୋନି । ତାଙ୍କ ପରେ ୮୭ଟି ବିଜୟୀ ମ୍ୟାଚ୍ ସହ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

ସର୍ବାଧିକ ବିଜୟୀ ମ୍ୟାଚରେ ସାମିଲ ହୋଇଥିବା ପ୍ଲେୟାର : ଏମଏସ ଧୋନି-୧୫୦, ରବୀନ୍ଦ୍ର ଜାଡେଜା-୧୩୩, ରୋହିତ ଶର୍ମା-୧୩୩, ଦୀନେଶ କାର୍ତ୍ତିକ-୧୨୫, ସୁରେଶ ରାଇନା-୧୨୨ ।

ରବିବାର ଚେନ୍ନାଇର ଚିପକ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦକୁ ୭୮ ରନରେ ପରାସ୍ତ କରିଥିଲା ସିଏସ୍‌କେ । ପ୍ରଥମେ



ବ୍ୟାଟିଂ କରି ସିଏସ୍‌କେ ୨୧୨ ରନ ସଂଗ୍ରହ କରିଥିବା ବେଳେ ହାଇଦ୍ରାବାଦ ୧୩୪ ରନରେ ଅଲ ଆଉଟ ହୋଇ ଯାଇଥିଲା ।

# ତୀରନ୍ଦାଜି ବିଶ୍ୱକପ୍ : ଭାରତକୁ ରିକର୍ଭ ସ୍ୱର୍ଣ୍ଣ

**ସାଙ୍ଘାଇ**

ଧୀରାଜ ବୋମ୍ମାଦେବରା, ତରୁଣଦୀପ ରାୟ ଓ ପ୍ରବୀଣ ଯାଦବଙ୍କୁ ନେଇ ଗଠିତ ଭାରତୀୟ ରିକର୍ଭ ଦଳ ତୀରନ୍ଦାଜି ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛି । ଫାଇନାଲ୍‌ରେ ଏହି ଦଳ ୫-୧ (୫୭-୫୭, ୫୭-୫୫, ୫୫-୫୩)ରେ ଅଲିମ୍ପିକ୍ସ ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା । ଏହି ବିଜୟ ସହ ୧୪ ବର୍ଷର ସ୍ୱର୍ଣ୍ଣ ମରୁଡ଼ିର ଅବସାନ ଘଟାଇଛି । ଭାରତ ୪ ବର୍ଷ ତଳେ ଜାପାନକୁ ହରାଇ ସ୍ୱର୍ଣ୍ଣ ଜିତିଥିବା ଦଳରେ ୪୦ ବର୍ଷୀୟ ତରୁଣଦୀପ ରହିଥିଲେ । ଫଳରେ ତରୁଣଦୀପ ଦ୍ୱିତୀୟ ଥର ଏହି ସଫଳତା ପାଇବାର ଗୌରବ ପାଇଛନ୍ତି । ଏଥିସହ ଭାରତ ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନର ନିକଟତର ହୋଇଛି । ସଂପ୍ରତି ଭାରତ (୨୩୧ ପଏଣ୍ଟ) ବିଶ୍ୱମାନ୍ୟତାରେ ଦକ୍ଷିଣ କୋରିଆ (୩୪୦) ଓ ଚୀନ୍ (୨୪୧) ପଛକୁ ତୃତୀୟ ସ୍ଥାନରେ ରହିଛି । ଶୀର୍ଷ ଦୁଇ ଦଳ ଫାଇନାଲ୍‌ରେ ପ୍ରବେଶର ନିୟମ ରହିଛି । ମହିଳା ବ୍ୟକ୍ତିଗତ ବର୍ଗରେ ଦୀପିକା କୁମାରୀ ରୌପ୍ୟ ଜିତିଥିଲା ବେଳେ ଅଲିମ୍ପିକ୍ ଟିକେଟ୍ କରାୟତ୍ତ କରିସାରିଥିବା ଧୀରାଜ ଓ ତାଙ୍କ ସାଥୀ ଅଙ୍କିତା ଭକତ ମିଶ୍ରିତ ଯୁଗଳରେ କାଂସ୍ୟ ପାଇଛନ୍ତି । ଫାଇନାଲ୍‌ରେ ଦୀପିକା ୦-୬ରେ ବିଶ୍ୱ ଓ ଏସୀୟ ବିଜୟିନୀ କୋରିଆର ଲିମ୍ ସିହିଓନ୍‌ଙ୍କଠୁ ହାରିଯାଇଥିଲେ । ଭାରତ ଏହି ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ସହ ମୋଟ ୮ ପଦକ ଜିତି ଅଲିମ୍ପିକ୍ସ ପୂର୍ବରୁ ମନୋବଳ ଦୃଢ଼ କରିଛି ।



# ଆଇପିଏଲ୍ ମଝିରେ ଆମେରିକା ଯିବ ଭାରତୀୟ ଟିମ୍ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ ପରେ ଟି-୨୦ ବିଶ୍ୱକପ ଆରମ୍ଭ ହେବ । ଆଇପିଏଲର ଫାଇନାଲ ମେ' ୨୬ ଖେଳାଯିବ । ଏହାର ୫ ଦିନ ପରେ ଅର୍ଥାତ୍ ଜୁନ୍ ୧ରୁ ଟି-୨୦ ବିଶ୍ୱକପ ଆରମ୍ଭ ହେବ । ଏବେ ପ୍ରଶ୍ନ ଉଠିଛି ଯେ, ଭାରତୀୟ ଖେଳାଳିମାନେ ଏହି ୫ ଦିନ ମଧରେ ବିଶ୍ୱକପ୍ ପାଇଁ ଆମେରିକା କେମିତି ଯାଇ ନିଜକୁ ପ୍ରସ୍ତୁତ କରିପାରିବେ । ଏକ ରିପୋର୍ଟ ନଉଯାୟୀ ଭାରତୀୟ ଖେଳାଳିମାନେ ଆଇପିଏଲ ମଝିରେ ବିଶ୍ୱକପ ପାଇଁ ଆମେରିକା ଯିବେ ।

ଭାରତୀୟ ଦଳ ମେ' ୨୧ରେ ଆମେରିକା ଯିବେ ।



ଏହି ପ୍ରଥମ ବ୍ୟାଚ୍‌ରେ ସେହି ଭାରତୀୟ ଖେଳାଳିଙ୍କୁ ସାମିଲ କରିବ ଯେଉଁମାନେ ଆଇପିଏଲ ପ୍ଲେ ଅଫର ଅଂଶ ହେବେ ନାହିଁ । ଏଭଳି ପରିସ୍ଥିତିରେ ଆଇପିଏଲ ୨୦୨୪ ମଧରେ କେଉଁ ଭାରତୀୟ ଖେଳାଳି ବିଶ୍ୱକପ ପାଇଁ ଯିବେ ତାହା ଦେଖିବା ମଜାଦାର ହେବ ।

# ନ୍ୟୁଜିଲାଣ୍ଡର ଟି-୨୦ ବିଶ୍ୱକପ୍ ସ୍କ୍ୱାଡ୍ ଘୋଷଣା କଲେ ୨ ଛୋଟ ପିଲା

**ନୂଆଦିଲ୍ଲୀ**

ଆସନ୍ତା ଟି-୨୦ ବିଶ୍ୱକପ ପାଇଁ ପ୍ରଥମ ଦେଶ ଭାବେ ନ୍ୟୁଜିଲାଣ୍ଡ ବେଶ୍ ଭିନ୍ନ ଅନ୍ଦାଜରେ ସ୍କ୍ୱାଡ୍ ଘୋଷଣା କରିଛି । ପାରମ୍ପରିକ ସ୍ୱାଭାବକ ଛାଡ଼ି ଦୁଇ ଜଣ ଛୋଟ ପିଲା ୧୫ ଜଣିଆ ସ୍କ୍ୱାଡ୍‌ରେ ଥିବା ଖେଳାଳିଙ୍କ ନାଁ ଘୋଷଣା କରିଛନ୍ତି । ମାଟିଲଦା ଓ ଅଙ୍ଗୁସ ନାମକ ଦୁଇ ଜଣ ପିଲା ଚୟନକର୍ତ୍ତାଙ୍କ ଭଳି କ୍ୟାମେରା ସାମ୍ନାକୁ ଆସି ଖେଳାଳିଙ୍କ ନାଁ ସାର୍ବଜନୀନ କରିଛନ୍ତି । ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଏହାର ଭିଡିଓ ମଧ ପୋଷ୍ଟ କରାଯାଇଛି । ମେ' ୧ ହେଉଛି ଟି-୨୦ ବିଶ୍ୱକପ ପାଇଁ ଖେଳାଳିଙ୍କ




ତାଲିକା ପ୍ରକାଶ କରିବାର ଶେଷ ତାରିଖ । ତେଣୁ ଡେଡ୍‌ଲାଇନର ୩ ଦିନ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ ୨ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପରେ ନ୍ୟୁଜିଲାଣ୍ଡର କମାଣ ଅଭିଜ୍ଞ କେନ ୱିଲିୟମସନ ସମ୍ଭାଳିବେ । କ୍ରିକେଟ ନ୍ୟୁଜିଲାଣ୍ଡ ତାଙ୍କ ଉପରେ ପୁଣିଥରେ ଭରସା ଦେଖାଇଛି । ସେହିପରି ୨୦୨୩ ଦିନିକିଆ ବିଶ୍ୱକପର ହିରୋ ରଚିନ ରବୀନ୍ଦ୍ର ସ୍କ୍ୱାଡ୍‌ରେ ରହିଛନ୍ତି । ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ନଥାଇ ମଧ ଅଭିଜ୍ଞ ଟ୍ରେଣ୍ଟ ବୋଲ୍ଟ ପୁଣି ଗୋଟିଏ ଆଇସିସି ଟୁର୍ଣ୍ଣାମେଣ୍ଟ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବେ । ଏବେ ବୋଲ୍ଟ ଆଇପିଏଲରେ ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି । ଏହାବାଦ୍ ଦଳରେ ଡେଭୋନ କନୱେ, ଡାରିଲ ମିଚେଲ ଓ ଜିମ୍ମି ନୀଶଙ୍କ ଭଳି ଖେଳାଳି ମଧ ରହିଛନ୍ତି । ୧୫ ଜଣିଆ ସ୍କ୍ୱାଡ୍ ବ୍ୟତୀତ ରିଜର୍ଭ ଖେଳାଳି ଭାବେ ବେନ ସିଅର୍ସ ଦଳ ସହ ଟି-୨୦ ବିଶ୍ୱକପକୁ ଯିବେ ।

ନ୍ୟୁଜିଲାଣ୍ଡ ସ୍କ୍ୱାଡ୍ : କେନ ୱିଲିୟମସନ, ଫିନ ଆଲେନ, ଟ୍ରେଣ୍ଟ ବୋଲ୍ଟ, ମାଇକେଲ ବ୍ରେସ୍‌ୱେଲ, ମାର୍କ ଚାପ୍‌ମାନ, ଡେଭୋନ କନୱେ, ଲକି ଫର୍ଗୁସନ, ମ୍ୟାଟ୍ ହେନ୍‌ରୀ, ଡାରିଲ ମିଚେଲ, ଜିମ୍ମି ନିଶାମ, ଗ୍ଲେନ ଫିଲିପ୍ସ, ରଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ଈଶ୍ ଶୋଢ଼ି ଓ ଟିମ୍ ସାଉଦି ।

# ସାଫ୍ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଆ ଝିଅ ରୁପଶ୍ରୀଙ୍କ କମାଲ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସମୃଦ୍ଧଶାଳୀ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ିଲେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଭୂୟାଁରୋଇଡ଼ା ଗ୍ରାମପଞ୍ଚାୟତର କ୍ୟାମ୍ପ ହାଟିଂର ଝିଅ ରୁପଶ୍ରୀ ମୁଣ୍ଡା (୧୫) । ସାଉଥ୍ ଏସିଆ ଆଥ୍‌ଲେଟିକ୍ ଫେଡେରେସନ (ସାଫ୍)ରେ ରାଷ୍ଟ୍ରୀୟ ଚାମ୍ପିଅନସିପ୍‌ରେ ଚମକ୍ ଦେଖାଇ ଦେଶ ପାଇଁ ସମ୍ଭାବନା ଆଣିଛନ୍ତି ଆଦିବାସୀ ବାଳିକା ରୁପଶ୍ରୀ । ସେ ସୁନ୍ଦରଗଡ଼ ଜିଲ୍ଲାରୁ ଫୁଟ୍‌ବଲ ଖେଳରେ ପ୍ରଶିକ୍ଷଣ ନେଇ ନେପାଳ ଯାଇଥିବା ୨୩ ଜଣିଆ ଭାରତୀୟ ଦଳର ସବୁ ମ୍ୟାଚ୍ ଖେଳିଥିବା ଖେଳାଳିମାନଙ୍କ ମଧ୍ୟରୁ ରୁପଶ୍ରୀ ଅନ୍ୟତମ । ଏହି ଖେଳଟି ମାର୍ଚ୍ଚ ମାସ ୧ ତାରିଖରୁ ୧୧ ତାରିଖ ମଧରେ ଅନୁଷ୍ଠିତ ହୋଇଥିବା ବେଳେ ପୂରା ପ୍ରତିଯୋଗିତାରେ ରୁପଶ୍ରୀ ପ୍ରଭାବ ପ୍ରଦର୍ଶନ କରିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ବବି ଥୋମାସ ତାଙ୍କ ଭବିଷ୍ୟତ ନେଇ ବେଶ୍ ଉତ୍ସାହିତ ହୋଇଥିଲେ । ନେପାଳରେ ଅନୁଷ୍ଠିତ



ଚାମ୍ପିଅନସିପ୍‌ରେ ଭୁଟାନ, ବାଙ୍ଗଲାଦେଶ, ନେପାଳ ସହ ଖେଳିଥିବା ବେଳେ ଟିମ୍ ଇଣ୍ଡିଆ ପେନାଲଟି ସୁଟ୍ ଆଉଟରେ ଗୋଟିଏ ଗୋଲରେ ଉପବିଜେତା ଘୋଷିତ ହୋଇଥିଲା । ରୁପଶ୍ରୀ ଜୁନିୟର ନ୍ୟାସନାଲ ଦଳ (୧୬ ବର୍ଷରୁ କମ୍)ରେ ମଧ ପୂର୍ବରୁ ବହୁବାର କ୍ରୀଡ଼ା ପ୍ରଦର୍ଶନ କରିଛନ୍ତି । ଆଗାମୀ ଦିନରେ ସିନିୟର ଭାରତୀୟ ଦଳରେ ଖେଳିବାକୁ ସେ ସ୍ୱପ୍ନ ଦେଖିଛନ୍ତି । ଟିମ୍ ଇଣ୍ଡିଆରେ ଯୋଗଦେବା ପରେ ଏହି ବିଜୟ ଦେଶ, ରାଜ୍ୟ ତଥା ସମଗ୍ର ଖଣି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି । ରୁପଶ୍ରୀ ଏକ ଖଣି ପ୍ରବଣ ଅଞ୍ଚଳରୁ ଆସି ତାଙ୍କର ଫୁଟ୍‌ବଲ୍ ଖେଳ ପ୍ରତି ଆଗ୍ରହ ଦେବା ପରେ ୨୦୧୯ରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) କୋଚ୍ ବାଦଲ ମହାକୁଡ଼ଙ୍କ ମାଧ୍ୟମରେ ତାଙ୍କୁ ଫୁଟ୍‌ବଲ୍ ଖେଳ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେତେବେଳେ ରୁପଶ୍ରୀ ମାତ୍ର ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ । ଟାଟା ଷ୍ଟିଲ୍ ଫାଉଣ୍ଡେସନ ଦ୍ୱାରା ଗଠିତ ଯୋଡ଼ାସ୍ଥିତ ଫୁଟ୍‌ବଲ୍ ଏକାଡେମିରୁ ୪ ବର୍ଷର କଡ଼ା ପ୍ରଶିକ୍ଷଣ ପରେ ୨୦୨୨ରେ ସେ ସ୍ପୋର୍ଟ ଓଡ଼ିଶା ଆଥ୍‌ଲେଟିକ୍‌ରୁ ସ୍ଥାନ ପାଇ ସୁନ୍ଦରଗଡ ପ୍ରଶିକ୍ଷଣ ନିମନ୍ତେ ଯାଇଥିଲେ । ୨୦୨୩ରେ ଓଡ଼ିଶା ଜୁନିୟର ଟିମ୍ (୧୬ ବର୍ଷରୁ କମ୍) ବର୍ଗରେ ଭୁବନେଶ୍ୱର ଯାଇ ପ୍ରଶିକ୍ଷଣ ନେଇଥିଲେ । ସେଠାରୁ ସେ ବିଭିନ୍ନ ଜାତୀୟ କ୍ରୀଡ଼ାରେ ଯୋଗଦେଇ ଖୁବ୍ ଚିତ୍ତାକର୍ଷକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ଆନ୍ତଃର୍ଜାତୀୟ ଫୁଟବଲ ଖେଳିବା ପାଇଁ ଯିବା ପୂର୍ବରୁ ସେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେଉଥିଲେ । ରୁପଶ୍ରୀ ତାଙ୍କର କ୍ୟାମ୍ପ୍ ହାଟିଂସ୍ଥିତ ଘରକୁ ଫେରିବା ପରେ ତାଙ୍କୁ ସରପଞ୍ଚ ତୁଳସୀ ବୋବାଙ୍ଗା ଏବଂ ସ୍ଥାନୀୟ ଲୋକେ ଭବ୍ୟ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା । ରୁପଶ୍ରୀଙ୍କର ପିତା ଦୀପକ ମୁଣ୍ଡା, ମା' ପ୍ରମିଳା ମୁଣ୍ଡାଙ୍କର ୬ଟି ଝିଅ ଏବଂ ୨ଟି ପୁଅ ଅଛନ୍ତି । ରୁପଶ୍ରୀ ସେମାନଙ୍କର ପଞ୍ଚମ ସନ୍ତାନ ରୁପଶ୍ରୀଙ୍କ ପିତା ଖଣିରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି । ଝିଅର ଏହି ସଫଳତା ପାଇଁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି । ଅନ୍ୟପଟେ ସ୍ଥାନୀୟ ସରପଞ୍ଚ ତୁଳସୀ ବୋବାଙ୍ଗା ରୁପଶ୍ରୀଙ୍କ ଉଚ୍ଚ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ଆର୍ଥିକ ସହାୟତା ଯୋଗାଦେଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

# ପୂର୍ବଭାରତର ସର୍ବବୃହତ୍ ଏଚ୍‌ଆର୍ କନକ୍ଲେଭ 'ସୋଆ ପ୍ରକ୍ସିମା -୨୦୨୪' ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ହୋଇଥିବା ପୂର୍ବ ଭାରତର ସର୍ବବୃହତ ଏଚ୍‌ଆର୍ କନ୍‌କ୍ଲେଭ 'ସୋଆ ପ୍ରକ୍ସିମା - ୨୦୨୪' ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଦୁଇ ଦିନିଆ ସମ୍ମିଳନୀର ୫ମ ସଂସ୍କରଣରେ ଦେଶର ବଛା ବଛା ପେସାଦାର ଯୋଗ ଦେଇ ବିଭିନ୍ନ ବିଷୟରେ ବୌଦ୍ଧିକ ଚର୍ଚ୍ଚା କରିଛନ୍ତି । ଗୋଟିଏ ଛାତ ତଳେ ଦେଶର ୧୦୦ରୁ ଅଧିକ ମାନବ ସମ୍ବଳ ବିଶେଷଜ୍ଞ, ଶିଳ୍ପ ବିଶେଷଜ୍ଞ ଓ ଅଭିଜ୍ଞ ପେସାଦାର ସଂପ୍ରତି ବୈଷୟିକ ଶିକ୍ଷା କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେଉଛି ଏବଂ ତାକୁ କିଭଳି ସଫଳତାର ସହ ସାମ୍ନା କରାଯାଇ ପାରିବ ସେ ସଂପର୍କରେ ମାନସ ମନ୍ଥନ କରିଛନ୍ତି । ସୋଆ ପକ୍ଷରୁ ଆୟୋଜିତ ଏହି କନ୍‌କ୍ଲେଭରେ ଯୋଗ ଦେଇଥିବା ଅଭିଜ୍ଞ ବିଶେଷଜ୍ଞମାନେ ପ୍ରାୟ ୪୫୦୦ ଯୁବ ଟେକ୍ ଟାଲେଣ୍ଟଙ୍କ ସହ ଭାବ ବିନିମୟ କରିଥିଲେ । ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୨ ଅଡିଟୋରିୟମ୍‌ରେ ଆୟୋଜିତ ଏହି




କନ୍‌କ୍ଲେଭ ସୋଆ ଓ ଶିଳ୍ପ ମଧ୍ୟରେ ଏକ ସେତୁ ଭଳି ଦାୟିତ୍ୱ ତୁଲାଇବାରେ ସଫଳ ହୋଇଛି । ଏହି କନ୍‌କ୍ଲେଭ ବଦଳୁଥିବା ଦୁନିଆ ଓ ବୈଷୟିକ କୌଶଳ ସହ କେମିତି ଖାପ ଖୁଆଇବାକୁ ପଡ଼ିବ ସେ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଛି । ଛାତ୍ରଛାତ୍ରୀମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବାରେ ଏ କନ୍‌କ୍ଲେଭ ବେଶ ସହାୟକ ହୋଇଛି । 'ସୋଆ ପ୍ରକ୍ସିମା-୨୦୨୪' ର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଅଲ୍ ଇଣ୍ଡିଆ କାଉନ୍ସିଲ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ) ଅଧକ୍ଷ ପ୍ରଫେସର ଟି.ଜି. ସୀତାରାମ । ଉଦ୍‌ଯାପନୀ ଉତ୍ସବରେ ମୁମ୍ବାଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସଭାପତି (ଏଚ୍‌ଆର) ବିଜୟ କୁମାର ସାହୁ ଯୋଗ ଦେଇଥିଲେ । ଟାଟା ଇଣ୍ଟରନ୍ୟାସନାଲର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡ. ସନ୍ଦୀପନ୍ ଚକ୍ରବର୍ତ୍ତୀ ମଧ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ଏହି ସମ୍ମିଳନୀରେ କଗ୍ନିଜାଣ୍ଟର ଓଡ଼ିଶା ମୁଖ୍ୟ ସତୀଶ କୁମାର ପ୍ରଧାନ ମଧ ଯୋଗ ଦେଇଥିଲେ । କନ୍‌କ୍ଲେଭ୍‌ରେ ଏଚସିଏଲ ଟେକ୍, କଗ୍ନିଜାଣ୍ଟ, ସିନୋପସିସ୍, ପିଡବ୍ଲ୍ୟୁସି ଇଣ୍ଡିଆ, ମାଷ୍ଟରକାର୍ଡ, ଡେଲଏଟ୍ ଇଣ୍ଡିଆ, ଜେପି ମୋର୍ଗାନ, ମାରୁତି ସୁଜୁକି, କଣ୍ଟିନେଣ୍ଟାଲ ଅଟୋମୋଟିଭ, ବ୍ରିଟିଶ ପେଟ୍ରୋଲିୟମ୍, ଲିନୋଭୋ, ମହିନ୍ଦ୍ରା କମ୍ଭିଭା, ଇମାମି ପେପର ମିଲ୍‌ସ ଓ ଗ୍ରାସିମ୍ ଭଳି ଶିଳ୍ପର ମାନବ ସମ୍ବଳ ବିଶେଷଜ୍ଞମାନେ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଷୟିକ ଶିକ୍ଷାର୍ଥୀମାନେ ଖୁବ୍ ଶୀଘ୍ର ଏକ ନୂଆ ବିଶ୍ୱକୁ ସାମ୍ନା କରିବାକୁ ଯାଉଛନ୍ତି । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧକ୍ଷତା କରି ନୂତନ ଶିକ୍ଷାନୀତିକୁ ସୋଆ ବିଶ୍ୱବିଦ୍ୟାଳୟ କିପରି ଗୁରୁତ୍ୱ ଦେଉଛି ସେ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଏବଂ ଅତିରିକ୍ତ ଡିନ୍ (ଛାତ୍ରମଙ୍ଗଳ) ଆଇଟିଇଆର୍ ପ୍ରଫେସର ରେଣୁ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କର୍ପୋରେଟ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଣ୍ଟ ନିର୍ଦ୍ଦେଶକ ରୀପ୍ତି ରଞ୍ଜନ ଦାଶ ସମ୍ମିଳନୀ ପରିଚାଳନା କରିବା ସହ ଉଦ୍‌ଯାପନୀ ଦିବସରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନୋଜ ଦାସଙ୍କ ତୃତୀୟ ପୁଣ୍ୟତିଥିରେ ସାହିତ୍ୟ ଚର୍ଚ୍ଚା



**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ସାହିତ୍ୟଘର ଓ ମନୋଜାୟନର ମିଳିତ ଆନୁକୂଲ୍ୟରେ ସାରସ୍ୱତ ସାଧକ ମନୋଜ ଦାସଙ୍କ ତୃତୀୟ ପୁଣ୍ୟତିଥି ସହ ଏକ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇ ଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଡ. ସୁବାସ ଚନ୍ଦ୍ର ପାତ୍ର , ମୁଖ୍ୟବକ୍ତା ଡ. ନାରାୟଣ ପ୍ରସାଦ ବେହେରା ଓ ସମ୍ମାନୀତ ବକ୍ତା ଭାବେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରି ମନୋଜ ଦାସଙ୍କ ସ୍ମୃତିଚାରଣ ସହ ତାଙ୍କ କାଳଜୟୀ ରଚନା ସମ୍ବନ୍ଧରେ ବିବିଧ ଆଲୋକପାତ କରିଥିଲେ । ମନୋଜ ଦାସଙ୍କ ଔପନ୍ୟାସିକ ଭାବଧାରା, ରଚନାରେ ଅନୁଭୂତିର ତୀବ୍ରତା ଓ ତାଙ୍କ ସାହିତ୍ୟରେ ପ୍ରାପ୍ତ ହେଉଥିବା ଆତ୍ମଶୁଦ୍ଧି ଆଦି ବିଭିନ୍ନ ଦିଗକୁ ଆଧାର କରି ଉପସ୍ଥିତ ଅତିଥିଗଣ ଉଦ୍‌ବୋଧନ ଦେଇଥିଲେ । ମନୋଜ ଦାସଙ୍କ ମନସ୍ତାତ୍ତ୍ୱିକ ଦର୍ଶନ ଅନନ୍ୟ ଓ ତାଙ୍କ ରଚିତ ଉପନ୍ୟାସ ପଠନରେ ବ୍ୟକ୍ତିତ୍ୱରେ ଆଶାବାଦ ସୃଷ୍ଟିହୁଏ ବୋଲି ଉଲ୍ଲେଖ କରିଥିଲେ । ସାଧାରଣ ଓ ସୂକ୍ଷ୍ମଜଗତ ବାହାରେ ଯେଉଁ ଜଗତ ଅଛି ତାହାର ବିଶ୍ୱାନୁଭୂତିକୁ କେବଳ ମନୋଜ ଦାସଙ୍କ ସାହିତ୍ୟ ରୂପରେଖ ଦେଇପାରିଥିଲେ । ପ୍ରତିଭା ସହ ପ୍ରଜ୍ଞାର ସମ୍ମିଶ୍ରଣରେ ଆଧାତ୍ମିକ ସାହିତ୍ୟ-ଜ୍ଞାନର ପ୍ରାପ୍ୟ ହୋଇଥାଏ କହି ମନୋଜ ଦାସଙ୍କ ଲେଖନର କିଛି ଅଂଶକୁ ଉପସ୍ଥାପନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦ୍‌ବୋଧନରେ, ମନୋଜ ଦାସଙ୍କ ଲିଖିତ ସଂକଳନଗୁଡ଼ିକର ମଣିଷକୁ ଦିଗଦର୍ଶନ ଦେଖାଏ ଓ ମଣିଷ ଭିତରେ ମଣିଷପଣିଆକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ ତାଙ୍କ ସ୍ମୃତିଚାରଣ ସହ ନିଜକୁ ମନୋଜ ଦାସଙ୍କ ଦାୟାଦ ସାବ୍ୟସ୍ତ କରିବାର ଗର୍ବ ଅନୁଭବ କରିବା ଉଚିତ କହିଥିଲେ । ଏହି ଅବସରରେ ମନୋଜ ଦାସଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ସୂଚକ ଏକ ପୁସ୍ତକ ପାଠକାର୍ପିତ କରାଯାଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା ଦାୟିତ୍ୱ ଭାଷା ଓ ସାହିତ୍ୟର ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ନିର୍ବାହ କରିଥିଲେ । ସଭା ଶେଷରେ ଡକ୍ଟର ପ୍ରହ୍ଲାଦ ଲା ଧନ୍ୟବାଦ ଅର୍ପଣ କରିଥିଲେ ।  ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ସଭାରେ ଉପସ୍ଥିତ ରହିଥିଲେ ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ସମ୍ପ୍ରତି ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗତ କିଛି ଦିନ ହେବ ରାଜ୍ୟର ଅଧିକ ସ୍ଥାନରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହୁଛି । କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଟପି ଯାଉଥିବା ମଧ ଦେଖିବାକୁ ମିଳିଛି । ଆଗାମୀ ମେ' ମାସରେ ମଧ ଓଡ଼ିଶା ଓ ଦେଶର ଅଧିକାଂଶ ସ୍ଥାନରେ ଏଭଳି ଗ୍ରୀଷ୍ମପ୍ରବାହ ଲାଗି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପ୍ରବଳ ଖରା ଓ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ସାଧାରଣ ଜନଜୀବନ ଅତିଷ୍ଠ ହୋଇପଡ଼ିଛି ।

ଗ୍ରୀଷ୍ମପ୍ରବାହ ମୁକାବିଲା ଏକ ବଡ଼ ଆହ୍ୱାନ ପାଲଟିଥିବା ବେଳେ ଏହାର ପ୍ରଶମନ ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ଯଥେଷ୍ଟ ପରିମାଣରେ ପାଣି, ଆଖୁ ରସ, ପଇଡ଼ ପାଣି, ଓଆରଏସ, ଘୋଳ ଦହି ଆଦି ପିଇବା ଲାଗି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଟାଣ ଖରା ସମୟ, ବିଶେଷ କରି ଦିନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରୁ ନବାହାରିବା ଏବଂ ଏହି ସମୟରେ କଠିନ ପରିଶ୍ରମ ନକରିବାକୁ ପରାମର୍ଶ ଦିଆଯାଇଛି । ଖରାରେ ବାହାରକୁ ବାହାରିବା ସମୟରେ ହାଲୁକା ରଙ୍ଗର ସୂତା ପୋଷାକ ପିନ୍ଧିବା, ଛତା, ଟୋପି, କଳା ଚଷମା ଆଦି ବ୍ୟବହାର କରିବା ସହିତ ସାଙ୍ଗରେ ପାଣି ବୋତଲ ନେବାକୁ କୁହାଯାଇଛି । କାକୁଡ଼ି, ତରଭୁଜ ଭଳି ଜଳୀୟ ଅଂଶ ଥିବା ଫଳ ସେବନ କରିବା ଲାଗି ମଧ ପରାମର୍ଶ ଦିଆଯାଇଛି । ସରକାରୀ ସ୍ତରରେ ଏବଂ ବିଭିନ୍ନ ବେସରକାରୀ ସଂଗଠନ ପକ୍ଷରୁ ସାର୍ବଜନୀନ ସ୍ଥାନରେ ଜଳଛତ୍ର ମାନ ଖୋଲାଯାଇଛି । ସରକାରୀ ଓ ଘରୋଇ ଡାକ୍ତରଖାନାରେ ଅଂଶୁଘାତ ପ୍ରକୋଷ୍ଠମାନ ଖୋଲିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଆସନ୍ତା ୨୫ ତାରିଖ ଠାରୁ ଛୁଟି ଘୋଷଣା କରାଯାଇଛି ।

ଗ୍ରୀଷ୍ମ ପ୍ରବାହ ସମୟରେ ଅସୁସ୍ଥ ବ୍ୟକ୍ତି, ବୟସ୍କ ଓ ଛୋଟ ପିଲାଙ୍କ ପ୍ରତି ଅଧିକ ବିପଦ ରହିଥାଏ । ତେଣୁ ସେମାନଙ୍କୁ ଖରା, ଗରମ ଠାରୁ ସୁରକ୍ଷିତ ରଖିବା ଲାଗି ମଧ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଅଧିକ ଗରମ ହେଉଥିବାରୁ ଏହି ସମୟରେ ମଦ୍ୟପାନ କରିବା କିମ୍ବା କୌଣସି କାର୍ବୋନେଟେଡ୍ ମୃଦୁ ପାନୀୟ ପିଇବା ଦ୍ୱାରା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ । ତେଣୁ ଏଭଳି ପାନୀୟ ଠାରୁ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି । ସେହିପରି ଅପରାହ୍ଣ ସମୟ ଓ ସନ୍ଧ୍ୟାରେ ଗରମ ଓ ଗୁଳୁଗୁଳିର ପ୍ରଭାବ ରହୁଥିବାରୁ ଅଧିକ କଷ୍ଟକର ବ୍ୟାୟାମ ନକରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚେତାଇ ଦେଇଛି । ଗ୍ରୀଷ୍ମ ପ୍ରବାହ ସମୟରେ ସିଧାସଳଖ ଟାଣ ଖରାରେ ବାହାରକୁ ନବାହାରିବା ଲାଗି ପାଣିପାଗ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଇ ଦେଇଛି । ଗୃହିଣୀମାନେ, ବିଶେଷ କରି ଘରେ ରୋଷେଇ କରୁଥିବା ମହିଳାମାନଙ୍କୁ ଖରା ଓ ଗରମ ସମୟରେ ରୋଷେଇ ନକରିବାକୁ ପରାମର୍ଶ ଦିଆଯାଇଛି ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି

**ସଞ୍ଜୟ ମହାପାତ୍ର**

ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଗ୍ରୀଷ୍ମପ୍ରବାହ ସମୟରେ, ଏକାକୀ ରହୁଥିବା ବୟସ୍କ କିମ୍ବା ଅସୁସ୍ଥ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଦୈନିକ ଆଧାରରେ ଅନୁଧ୍ୟାନ କରାଯିବା ଉଚିତ୍ । ଘରକୁ ଥଣ୍ଡା ରଖିବା, ପରଦା ଶଟର କିମ୍ବା ସାମିଆନା ବ୍ୟବହାର କରିବା ସହିତ ରାତିରେ ଯଥେଷ୍ଟ ବାୟୁ ଚଳାଚଳ ପାଇଁ ଝରକା ଖୋଲା ରଖିବା ଆବଶ୍ୟକ । ଦିନ ସମୟରେ ଉପର ମହଲା ତାତି ଯାଉଥିବାରୁ ତଳ ମହଲାରେ ରହିବାକୁ ଚେଷ୍ଟା କରିବା ଉଚିତ୍ । ଶରୀରକୁ ଥଣ୍ଡା ରଖିବା ଲାଗି ପଙ୍ଖା ଏବଂ ଓଦା କପଡ଼ା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

ଏହାବ୍ୟତୀତ ଅଂଶୁଘାତ ସହ ଜଡ଼ିତ ଲକ୍ଷଣଗୁଡ଼ିକୁ ଅଣଦେଖା ନକରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଅଧିକ ବାହାର କିମ୍ବା ଭିତର ତାପମାତ୍ରା ସଂସ୍ପର୍ଶରେ ଆସିବା ଦ୍ୱାରା ଅଂଶୁଘାତର ଆଶଙ୍କା ରହିଥାଏ । ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରରେ ବରଫ ପ୍ୟାକ୍ ଦେଇ ଓ ଥଣ୍ଡା ପାଣି ଢାଳି ଶରୀରର ତାପମାତ୍ରା ହ୍ରାସ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଘରେ ଯଥେଷ୍ଟ ମାତ୍ରାରେ ଇଲେକ୍ଟ୍ରୋଲାଇଟ୍ସ, ଚିନି ଓ ଲୁଣ ପାଣି ଏବଂ ଓଆରଏସ ମହଜୁଦ ରଖିବା ଆବଶ୍ୟକ । ଛୋଟ ପିଲା ଓ ବୟସ୍କଙ୍କ ଯତ୍ନ ନେବା ସହିତ ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ଅଳ୍ପ ମାତ୍ରାରେ ପାଣି ନିଶ୍ଚିତ ଭାବେ ରଖିବା ଉଚିତ୍ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତ ଗ୍ରୀଷ୍ମ ଋତୁ ସମୟରେ ଦେଶରେ ଲୋକସଭା ନିର୍ବାଚନ ଏବଂ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ଆୟୋଜନ କରାଯାଉଛି । ଗ୍ରୀଷ୍ମପ୍ରବାହ ସମୟରେ ସୁଗମ ମତଦାନ ସୁନିଶ୍ଚିତ କରିବା ଲାଗି ଭାରତର ନିର୍ବାଚନ ଆୟୋଗ କେତେକ ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଦେଶର ବିଭିନ୍ନ ପ୍ରାନ୍ତରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହୁଥିବାରୁ ଏହି ସମୟରେ ସୁରୁଖୁରୁରେ ମତଦାନ ଲାଗି ନିର୍ବାଚନ ଆୟୋଗ ବିଭିନ୍ନ ଅଂଶୀଦାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି । ଗ୍ରୀଷ୍ମପ୍ରବାହ ମୁକାବିଲା ଲାଗି ଭାରତୀୟ ପାଣିପାଗ ବିଭାଗ, ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଏବଂ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି କାମ କରିବା ନେଇ ବୈଠକରେ ସହମତି ହୋଇଛି । ମତଦାନ କେନ୍ଦ୍ରରେ ପାନୀୟ ଜଳ ପାଇଁ ଟ୍ୟାପ୍ ଏବଂ ଓଆରଏସ୍ ସୁବିଧା, ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର, ଛାଇ ପାଇଁ ସାମିଆନା ଓ ତମ୍ବୁ ବ୍ୟବସ୍ଥା କରିବାକୁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି । ଦିବ୍ୟାଙ୍ଗ, ଗର୍ଭବତୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ମତଦାନ କେନ୍ଦ୍ରରେ ଯଥେଷ୍ଟ ବସିବା ସ୍ଥାନ, ଚୌକି, ବେଞ୍ଚ ବ୍ୟବସ୍ଥା କରିବାକୁ କୁହାଯାଇଛି । ସେହିପରି ସ୍ୱାସ୍ଥ୍ୟ କର୍ମୀ ଏବଂ ଚିକିତ୍ସା ଉପକରଣ ପ୍ରସ୍ତୁତ ରଖିବା, ଏନସିସି/ ଏନଏସଏସ/ ସ୍କାଉଟ୍ ଗାଇଡ୍ସର ସ୍ୱେଚ୍ଛାସେବୀଙ୍କୁ ମୁତୟନ କରିବା, ଧାଡ଼ି ପରିଚାଳନା, ସମନ୍ୱୟ ଓ ସୁବିଧା ତଦାରଖ ପାଇଁ ନୋଡାଲ ଅଧିକାରୀଙ୍କୁ ନିୟୋଜନ କରିବା, ପିଲାଙ୍କ ପାଇଁ କ୍ରେଚ୍ ବ୍ୟବସ୍ଥା ଏବଂ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ମତଦାନ କେନ୍ଦ୍ରକୁ ନେବାଆଣିବା ଲାଗି ପରିବହନ ସୁବିଧା ଯୋଗାଇ ଦେବାକୁ ନିର୍ବାଚନ ଆୟୋଗ ବ୍ୟବସ୍ଥା କରିଛନ୍ତି । ମତଦାନ କେନ୍ଦ୍ରକୁ ଆସିବା ସମୟରେ ନାଗରିକମାନେ ଯଥେଷ୍ଟ ପାଣି ପିଇବା ସହ ସାଙ୍ଗରେ ପାଣି ବୋତଲ ଆଣିବା ଉଚିତ୍ । ଓଆରଏସ ଏବଂ ଘର ତିଆରି ପାନୀୟ ଗ୍ରହଣ କରି ନିଜ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଆବଶ୍ୟକ । ହାଲୁକା ସୂତା ପୋଷାକ ପିନ୍ଧିବା ସହ ଛତା ଓ ଟୋପି ବ୍ୟବହାର କରିବା ଉଚିତ୍ । ଏହି ସମୟରେ କାର୍ବୋନେଟେଡ୍ ମୃଦୁ ପାନୀୟ ଗ୍ରହଣ କରିବା ଏବଂ ପିଲାମାନଙ୍କୁ ସାଙ୍ଗରେ ନେଇ ମତଦାନ କେନ୍ଦ୍ରକୁ ଆସିବାକୁ ବାରଣ କରାଯାଇଛି । ସେହିପରି ପାର୍କିଂ ହୋଇଥିବା ଗାଡ଼ିରେ ଛୋଟ ପିଲା ଓ ପୋଷା ପ୍ରାଣୀଙ୍କୁ ଛାଡ଼ିବା ଉଚିତ୍ ନୁହେଁ ।

ଯଦି କୌଣସି ବ୍ୟକ୍ତି ମତଦାନ କେନ୍ଦ୍ର ନିକଟରେ ଅଂଶୁଘାତର ଶିକାର ହୁଅନ୍ତି, ତାଙ୍କୁ ତୁରନ୍ତ ଏକ ଥଣ୍ଡା ଜାଗାରେ ଅସୁସ୍ଥ ବ୍ୟକ୍ତିଙ୍କୁ ଶୁଆଇ ଦିଅନ୍ତୁ । ଗୋଟିଏ ଓଦା କପଡ଼ାରେ ତାଙ୍କୁ ପୋଛି ଦିଅନ୍ତୁ ଏବଂ ବାରମ୍ବାର ଶରୀରକୁ ସଫା କରନ୍ତୁ । ମୁଣ୍ଡରେ ସ୍ୱାଭାବିକ ତାପମାତ୍ରା ବଜାୟ ରଖିବା ଲାଗି ପାଣି ଢାଳନ୍ତୁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରର ତାପମାତ୍ରା କମାଇବା । ଅସୁସ୍ଥ ବ୍ୟକ୍ତିଙ୍କୁ ଓଆରଏସ୍ କିମ୍ବା ଲେମ୍ବୁ ସରବତ/ତୋରାଣି ଅଥବା ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ଆବଶ୍ୟକ ପାନୀୟ ପିଇବା ପାଇଁ ଦେବା ଉଚିତ୍ । ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଆନ୍ତୁ । ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବା ଆବଶ୍ୟକ, କାରଣ ଅଂଶୁଘାତ ପ୍ରାଣଘାତୀ ହୋଇପାରେ । ଏସବୁ ସତର୍କତା ଅବଲମ୍ବନ କଲେ ଆମେ ଗ୍ରୀଷ୍ମପ୍ରବାହ ଏବଂ ଖରା ତାତିର ସଫଳ ମୁକାବିଲା କରିବାରେ ସକ୍ଷମ ହୋଇପାରିବା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅପ୍ରେଲ ୨୦୨୪ ମଙ୍ଗଳବାର







# ବିଜେଡ଼ିରେ ଯୋଗଦେଲେ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା ଓ କର୍ମୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା ଓ କର୍ମୀ ସୋମବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୋମବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଶ୍ରୀନିବାସ ରେଡ୍ଡୀ, ଅଞ୍ଜନା ପାତ୍ର, ସୀମାଦ୍ରି ରେଡ୍ଡୀ, ଜ୍ୟୋତିରାଜ ମହାରଣା, ଉଦୟନାଥ, ବସନ୍ତ ଦାସ, ରଘୁନାଥ ପାତ୍ର, ବିଜୟ ଚନ୍ଦ୍ର ଗନ୍ତାୟତ, ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଅଜୟ ପ୍ରଧାନ, କୈବଲ୍ୟ ପ୍ରଧାନ, ଭାସ୍କର ପ୍ରଧାନ, ନିର୍ମଳ ପ୍ରଧାନ, ବାଳକୃଷ୍ଣ ସେଠୀ, ଆଲୋକ ମଲ୍ଲିକ, ସଞ୍ଜୟ ପାତ୍ର, ସନ୍ତୋଷ ସାହୁ, ମନୋଜ ଗୌଡ, ଦୂର୍ଯ୍ୟୋଧନ ରେଡ୍ଡୀ, କାଳିଆ ଗୌଡ, ହରିବନ୍ଧୁ ରେଡ୍ଡୀ, ରଙ୍କ ଗୌଡ, ବିଜୁ ଗୌଡ, ସୁଶାନ୍ତ ମହାନ୍ତି, ପ୍ରତାପ ଗୌଡ, ଈଶ୍ୱର ରେଡ୍ଡୀ, ବୁଲୁ କୁମାର ସେଠୀଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଙ୍ଗାପୁରରୁ ଇଣ୍ଟର୍ଣ୍ଣସିପ୍ ସାରି ଓଡ଼ିଶା ଫେରିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ୬ ମାସିଆ 'ପେଡ୍ ଇଣ୍ଟର୍ଣ୍ଣସିପ୍' ସାରି ଓଡ଼ିଶା ଫେରିଛନ୍ତି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଜଣ ଛାତ୍ରଛାତ୍ରୀ। ଭୁବନେଶ୍ୱର ବିମାନବନ୍ଦରଠାରେ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସ୍ୱାଗତ କରାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନିରେ କାମ କରିବାର ଅନୁଭୂତି ଦେବା ଲାଗି 'ଷ୍ଟୁଡେଣ୍ଟ ଇଣ୍ଟର୍ଣ୍ଣସିପ୍' କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଲାଗି ପ୍ରତିବର୍ଷ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ସିଙ୍ଗାପୁର ପଠାଯାଉଛି। ୨୦୨୨-୨୩ ବ୍ୟାଚରୁ ଗତ ଅକ୍ଟୋବର ମାସରେ ସିଙ୍ଗାପୁର ଯାଇଥିବା ଛାତ୍ରଛାତ୍ରୀମାନେ ସୋମବାର ଭୁବନେଶ୍ୱର ଫେରି ଆସିଛନ୍ତି। ସିଙ୍ଗାପୁରର ଏହି ଅନୁଭୂତି ସେମାନଙ୍କ ଭବିଷ୍ୟତ କ୍ୟାରିୟରକୁ ଆଉ ଏକ ନୂଆ ଉଚ୍ଚତାକୁ ନେବାରେ ବିଶେଷ ସହାୟକ ହେବ ବୋଲି ଛାତ୍ରଛାତ୍ରୀମାନେ ମତ ପ୍ରକାଶ କରିଛନ୍ତି। ''ସିଙ୍ଗାପୁରର ଗୁଡଉଡ୍ ପାର୍କ ହୋଟେଲରେ ୬ ମାସ ଧରି ମୁଁ କାମ କରିବାର ସୁଯୋଗ ପାଇଲି। ପ୍ରଥମ ଦରମାରେ ମୁଁ ନୂଆ ଫୋନ୍ କିଣିବା ସହ ଘରକୁ ମଧ ଟଙ୍କା ପଠାଉଥିଲି। ତା'ଛଡ଼ା ଏଠାରେ ମୁଁ ନୂଆ ନୂଆ କାମ ବିଷୟରେ ଜାଣିବାକୁ ପାଇଲି। ଏହା ମୋ' କ୍ୟାରିୟରକୁ ଆଗକୁ ନେବାରେ ସାହାଯ୍ୟ କରିବ'', କହନ୍ତି ସୋନାଲିକା ସେଠୀ। ସୋନାଲିକା ବିଶ୍ୱ ଦକ୍ଷତା କେନ୍ଦ୍ରରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍ ବିଷୟରେ ତାଲିମ ନେଇ ଷ୍ଟୁଡେଣ୍ଟ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଲାଗି ସିଙ୍ଗାପୁର ଯାଇଥିଲେ। ''ସିଙ୍ଗାପୁର ସହରରେ ଏକ ପ୍ରମୁଖ କମ୍ପାନିରେ କାମ କରିବା ପାଇଁ ମୁଁ ଦିନେ ସ୍ୱପ୍ନ ଦେଖୁଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ମେକାଟ୍ରୋନିକ୍ସ ବିଷୟରେ ତାଲିମ ନେବା ଫଳରେ ମୋର ସ୍ୱପ୍ନ ପୂରଣ ହୋଇଛି। ସିଙ୍ଗାପୁରରୁ ମୁଁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଛି। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ'' ବୋଲି କହିଥିଲେ ଛାତ୍ର ଅଜୟ ମଙ୍ଗରାଜ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଅନ୍ତର୍ଜାତୀୟ ମାନର ବିଭିନ୍ନ ଅତ୍ୟାଧୁନିକ ଦକ୍ଷତା ବିକାଶ ପାଠ୍ୟକ୍ରମ ରହିଛି। ଛାତ୍ରଛାତ୍ରୀମାନଙ୍କୁ ବିଦେଶ ଅନୁଭୂତି ଦେବା ଲାଗି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଦୁଇ ସପ୍ତାହ ଲାଗି ସିଙ୍ଗାପୁର ପଠାଯାଉଛି।

# ନାମାଙ୍କନ ଭରିଲେ ବିଜେଡିର ବିଧାୟକ ଓ ସାଂସଦ ଏବଂ ବିଜେପିର ବିଧାୟକ ପ୍ରାର୍ଥୀ







**କନ୍ଧମାଳ/ କେନ୍ଦୁଝର/ ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ବିଜେଡ଼ିର ବିଶାଳ ଶୋଭାଯାତ୍ରା। ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଲେ ବାଲିଗୁଡ଼ା ବିଧାୟକ ପ୍ରାର୍ଥୀ ଚକ୍ରମଣୀ କହଁର। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଚକ୍ରମଣୀ କହଁରଙ୍କ ନାମାଙ୍କନ ପତ୍ର ଦାଖଲ ଅବସରରେ ଜନ ସମୁଦ୍ର ପାଲଟିଲା ବାଲିଗୁଡ଼ା ସହର। ସଂଯୋଜକ ଟୁନା ଦାସଙ୍କ ନେତୃତ୍ୱରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରୁ ପ୍ରାୟ ୩୦ ହଜାର ସମର୍ଥକଙ୍କ ସହ ବିଶାଳ ପଟୁଆରରେ ଆସିଥିଲେ ଚକ୍ରମଣୀ । କନ୍ଧମାଳ ସାଂସଦ ପ୍ରାର୍ଥୀ ଡ଼.ଅଚ୍ୟୁତ ସାମନ୍ତ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ଚାରୋଟି ବ୍ଲକର ସଭାପତି, ବହୁ ନେତା ଓ ବରିଷ୍ଠ କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଜୁ ଜନତା ଦଳ ପ୍ରତି ସମସ୍ତଙ୍କର ଆଶୀର୍ବାଦ ରହିଛି। ବିପୁଳ ପରିମାଣରେ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ବିଜୟୀ କରାଇବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି ଚକ୍ରମଣୀ କହଁର। ସେହିପରି କେନ୍ଦୁଝର ଜିଲ୍ଲା ବିଜେଡି ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଜିଲ୍ଲାପାଳଙ୍କ ନିକଟ ପହଞ୍ଚି ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସ୍ଥାନୀୟ କାଳୀ ପଡ଼ିଆ ଠାରୁ ହଜାର ହଜାର ବିଜେଡି କର୍ମୀ ଓ ନିଜର ସମର୍ଥକ ଙ୍କ ସହ ଆଦିବାସୀ ନୃତ୍ୟ , ମାଦଳ , ଢୋଲ ବଜାଇ ନାଚ ଗୀତ ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ ନିକଟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ସମୟରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର,ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼, ତେଲକୋଇ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, ଉପସ୍ଥିତ ଥିଲେ। ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାୟକ, କେନ୍ଦୁଝର ବିଧାୟକ ପ୍ରାର୍ଥୀନି ମୀନା ମାଝୀ, କରଞ୍ଜିଆ ବିଧାୟକ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ,ଜିଲ୍ଲା ବିଜେଡି ସଭାପତି କୁଶ ଆପଟ, ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟ ଶଙ୍କର ଚକ୍ରଙ୍କ ସହିତ ହଜାର ହଜାର ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ପ୍ରାର୍ଥୀ ପତ୍ର ଦାଖଲ ପରେ ଜିଲ୍ଲାର ବିକାଶ ପାଇଁ କାମ କରିବି ବୋଲି କହିଛନ୍ତି ଧନୁର୍ଜୟ ସିଦ୍ଧୁ। ସେହିପରି ଆନନ୍ଦପୁରରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ସୋମବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକ ଙ୍କ ସହ ଦିନ ବାରଟାସମୟରେ ହାଟଡିହି ବିଜେପି କାର୍ଯ୍ୟାଳୟରୁ ବାହାରି ଆନନ୍ଦପୁର ବିଜେପି କାର୍ଯ୍ୟାଳୟରେ ଏକତ୍ରିତ ହୋଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏବଂ ଘସିପୁରା ଗରିବ ସେବା ସଦନର ସଭାପତି ଡ ଶମ୍ଭୁନାଥ ରାଉତଙ୍କ ସହ ବିଶାଳ ଜନ ସମୁଦ୍ର ସହ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅଗ୍ନିକାଣ୍ଡ : ବର୍ତ୍ତିଲେ କର୍ମଚାରୀ



**ବାରିପଦା, ନ୍ୟୁଜ ବ୍ୟୁରୋ**
ସ୍ଥାନୀୟ ଫେଜର ହସ୍ପିଟାଲ ଛକ ଠାରେ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆର ବାରିପଦା ଶାଖାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ତେବେ ବଡ଼ ଧରଣର ଅଘଟଣରୁ ସମସ୍ତ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବ୍ୟାଙ୍କରେ ଦିନ ପ୍ରାୟ ୧ଟା ସମୟରେ କୌଣସି କାରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶିଖା ଯୋଗୁଁ ଅନେକ ଧୂଆଁ ବାହାରକୁ ବାହାରିଥିଲା । ଅଗ୍ନିକାଣ୍ଡ ଘଟିବା କ୍ଷଣି ବ୍ୟାଙ୍କ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାରିପଦା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବା ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ଅଗ୍ନି ଶିଖାକୁ ଆୟତ୍ତ କରିଥିବା ବେଳେ ବଡ଼ ଧରଣର ଅଘଟଣରୁ ସମସ୍ତେ ବର୍ତ୍ତି ଯାଇଛନ୍ତି। ଉକ୍ତ ହୋଟେଲରେ ଲାଗିକି ଅନ୍ୟ ଦୋକାନ ଓ ସୋ ରୁମ ଗୁଡ଼ିକ ଥିବା ବେଳେ ରହିଛି । ଯେଉଁଥିରେ ଅଗ୍ନି ସଂଯୋଗ ହୋଇଥିଲେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିବାର ସମ୍ଭାବନା ରହିଥିଲା। କିନ୍ତୁ ଅଗ୍ନିଶମ ବାହିନୀ ଯୋଗୁଁ ଅଗ୍ନିକାଣ୍ଡ ବ୍ୟାପିବାକୁ ରୋକି ଯାଇଥିଲା। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ବ୍ୟାଙ୍କ ମଧ୍ୟରେ ଥିବା ରୋଷେଇ ଘରର ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିବାରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ବ୍ୟାଙ୍କ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ଅଗ୍ନିକାଣ୍ଡରେ କାହାରି କିଛି କ୍ଷତି ହୋଇ ନଥିବା ବେଳେ ବ୍ୟାଙ୍କ ମଧ୍ୟରେ ଥିବା ଅନେକ କାଗଜପତ୍ର ଜଳି ଯାଇଥିବାର ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବୀନ ଇଞ୍ଜିନ ...

ଶ୍ରୀ ପାଣ୍ଡିଆନ୍ କହିଥିଲେ। ମାଲକାନଗିରିରେ ସେ କହିଥିଲେ ଯେ ଏଠି ଆପଣଙ୍କ ଜଣେ ବିଧାୟକ ଅଛନ୍ତି, ଯାହାକୁ ଆପଣ ଦେଖିବାକୁ ପାଉ ନାହାନ୍ତି । ଏମିତି ଲୋକ ଆପଣଙ୍କ ଦରକାର, ନା ଆପଣଙ୍କ ସହିତ ଦିନରାତି ରହି ଆପଣଙ୍କ ସୁଖଦୁଃଖର ସାଥି ହେବ, ସେ ଲୋକ ଦରକାର। ଆପଣ ନିର୍ଣ୍ଣୟ କରନ୍ତୁ ବୋଲି ସେ କହିଥିଲେ। ପଡୋଶୀ ଛତିଶଗଡର ଉଦାହରଣ ଦେଇ ସେ କହିଲେ ଯେ ଦେଖନ୍ତୁ ସେଠାରେ ବାରମ୍ବାର ଡବଲ ଇଞ୍ଜିନ ସିଙ୍ଗଲ ଇଞ୍ଜିନ ଚାଲିଛି, କିନ୍ତୁ ଶାନ୍ତି ନାହିଁ । ସବୁବେଳେ ବମ୍ ଫୁଟୁଛି। ନବୀନ ବାବୁଙ୍କ ନେତୃତ୍ୱ ଓ କଠିନ ପରିଶ୍ରମରେ ମାଲକାନଗିରିରେ ଶାନ୍ତି ଫେରିଛି। ଶାନ୍ତି ଆସିଲେ ପ୍ରଗତି ଆସିବ । ଉନ୍ନତି ଆସିବ ପୁଞ୍ଜି ଆସିବ, ପିଲା ନିଯୁକ୍ତି ପାଇବେ। ମାଲକାନଗିରିର ଏକ ବିଶାଳ ଅଞ୍ଚଳ ଦିନେ କଟ୍ଅଫ୍ ଅଞ୍ଚଳ ଭାବେ ପରିଚିତ ଥିଲା । ଏବେ କିନ୍ତୁ ତାର ନୂଆ ପରିଚୟ ହୋଇଛି ସ୍ୱାଭିମାନ ଅଞ୍ଚଳ। ଏଠାରେ ରୂପାନ୍ତର ଆସିଛି, ବିକାଶର ଧାରା ଜୋରଦାର ହୋଇଛି । ବିରୋଧୀ ଆଖି ଖୋଲି ଦେଖନ୍ତୁ, ବିକାଶ କିପରି ହୁଏ ମାଲକାନଗିରି ହେଉଛି ତା'ର ସାକ୍ଷୀ। ଦିନ ଥିଲା ମାଲକାନଗିରିରେ ସାଇକେଲ ଖଣ୍ଡିଏ ଗଡୁ ନ ଥିଲା, ଆଜି ଉଡାଜାହାଜ ଉଡୁଛି। ଆମ ନବୀନ ବାବୁ ହେଉଛନ୍ତି ପରିବାରର ମୁଖିଆ । ସେ ସବୁବେଳେ ଆପଣ ମାନେ କେମିତି ଭଲରେ ରହିବେ, ସେଥିପାଇଁ ଚିନ୍ତା କରୁଛନ୍ତି । ନବୀନ ବାବୁଙ୍କ ସରକାର ଆପଣମାନଙ୍କ ସରକାର । ଆପଣମାନେ ଯାହା ଚାହିଁବେ ତାହା ହେବ। ମୁଖ୍ୟମନ୍ତ୍ରୀ ତାଙ୍କ ବିଶାଳ ହୃଦୟରେ ଜନଜାତିମାନଙ୍କୁ ସବୁଠାରୁ ବଡ ସ୍ଥାନ ଦେଇଛନ୍ତି । ଜନଜାତି ମାନଙ୍କ ପାଇଁ ସବୁଠାରୁ ଅଧିକ ହଷ୍ଟେଲ ଓଡିଶାରେ ହିଁ ହୋଇଛି। ୫ ଲକ୍ଷରୁ ଅଧିକ ଜନଜାତି ଝିଅମାନେ ପାଠ ପଢି ବାପମାଙ୍କ ସ୍ୱପ୍ନ ପୂରଣ କରୁଛନ୍ତି। ଜନଜାତି ଭାଷା, ସଂସ୍କୃତି, ପୂଜାସ୍ଥଳୀ, ଜାହିରାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି। ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ସବୁଠୁ ବେଶୀ ଭଲ ପାଆନ୍ତି ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ସବୁ ବଡ ବଡ ଯୋଜନା ସେ ମାଲକାନଗିରିରୁ ହିଁ ଆରମ୍ଭ କରିଛନ୍ତି, ଦୁଇ ଟଙ୍କିଆ ଚାଉଳ, ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ଯୋଜନା ସବୁକିଛି ମାଲକାନଗିରିରୁ ହିଁ ଆରମ୍ଭ ହୋଇଛି। ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏ କାମର ହିସାବ ଦେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ତାଙ୍କ ନିର୍ଦ୍ଦେଶରେ ମୁଁ ଆଜି ଆପଣଙ୍କୁ ସବୁ କାମର ହିସାବ ଦେଉଛି। ସେ କହିଥିଲେ ମାଲକାନଗିରି ନିର୍ବାଚନମଣ୍ଡଳୀରେ ୧୨୭ କୋଟି ଟଙ୍କାର କାମ ଚାଲିଛି। ଲକ୍ଷ୍ମୀ ବସ୍ ଯୋଜନାରେ ଜିଲ୍ଲାର ୪.୫୦ ଲକ୍ଷ ଉପକାର ପାଇଛନ୍ତି । ଜିଲ୍ଲାର ସବୁ ହାଇସ୍କୁଲର ୫-ଟି ରୂପାନ୍ତର କରାଯାଇଛି। ମଲ୍ଲିକେଶ୍ୱର ମନ୍ଦିର ଓ ରାସ୍ତା ପାଇଁ ୨.୯୦ କୋଟି, ହରିଚନ୍ଦ୍ର ଆଶ୍ରମ ପାଇଁ ୧.୨୮ କୋଟି, ନରନାରାୟଣ ଆଶ୍ରମ ପାଇଁ ଜମିପଟ୍ଟା ଦିଆଯିବା ସହିତ ୪୮ ଲକ୍ଷ ଟଙ୍କାର ବିକାଶ କାମ, ମନ୍ୟମକୁଣ୍ଡା ଗୁମ୍ଫା ବିକାଶ ପାଇଁ ୧ କୋଟି, ମା ଭୈରବୀ ମନ୍ଦିର ପାଇଁ ୫୦ ଲକ୍ଷ, ଅଲେଖ ମହିମା ଆଶ୍ରମ ପାଇଁ ୧୪ ଲକ୍ଷ, ସାଇ ମନ୍ଦିର ପାଇଁ ୪୦ ଲକ୍ଷ, ପୁରୁଣା ମାଲକାନଗିରିରୁ ମୋଟୁ ରାସ୍ତା ପାଇଁ ୧୬.୪୩ କୋଟି, ପୋଲୁରୁ ରୁ କୃଷ୍ଣପାଲି ରାସ୍ତା ପାଇଁ ୧୩ କୋଟି, ଭୁବନପାଲିରୁ କୁନାପାଲି ରାସ୍ତା ପାଇଁ ୯ କୋଟି, କୋଟାଗୁଡାରୁ ଆଲମା ରାସ୍ତା ପାଇଁ ୭.୬୦ ଲକ୍ଷ, ଏମ୍.ଭି-୬୧ରୁ କୁର୍ତ୍ତୀ ରାସ୍ତା ପାଇଁ ୫ କୋଟି, ମୁରଲିଗୁଡାରୁ ପେଟା ପର୍ଯ୍ୟନ୍ତ ୫ କୋଟି, ସତୀଗୁଡା ଡ୍ୟାମ ପାଇଁ ୨ କୋଟି ଟଙ୍କା ଦିଆଯାଇଛି। ଚିତ୍ରକୋଣ୍ଡାରେ ବିକାଶର ଚିତ୍ର ଦେଖାଇ ସେ କହିଥିଲେ ଯେ ଚିତ୍ରକୋଣ୍ଡା ଓ କରୋକୁଣ୍ଡା ବ୍ଲକ୍‌ର ୧୮ଟି ପଞ୍ଚାୟତରେ ସେତୁ ଯୋଜନାରେ ୧୦୦ କୋଟି ଟଙ୍କା ବିନିଯୋଗ କରାଯାଇ ଲୋକଙ୍କ ସାମାଜିକ ଓ ଆର୍ଥିକ ରୂପାନ୍ତର କାମ ଚାଲିଛି। ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪୦୦୦ କୋଟି ଟଙ୍କା ଗୋବିନ୍ଦପାଲୀ ଜଗନ୍ନାଥ ମନ୍ଦିର, ଦାମଲଦେଇ ମନ୍ଦିର, ୧୦ଟି ମହିମା ଆଶ୍ରମ, ଶିବ ମନ୍ଦିର, ମା କାଣିବୁଢୀ ମନ୍ଦିର ଆଦି ସବୁ ମନ୍ଦିରର ଉନ୍ନତିକରଣ ପାଇଁ ୨.୧୦ କୋଟି ଟଙ୍କା, ଆଦିବାସୀ ସମାଜ ଭବନ ପାଇଁ ୫୦ ଲକ୍ଷ, ଚିତ୍ରକୋଣ୍ଡାରେ ୧୦୦ ଶଯ୍ୟାବିଶିଷ୍ଟ ଉପଖଣ୍ଡ ଚିକିତ୍ସାଳୟ ପାଇଁ ୫୦ କୋଟି, ମାଛକୁଣ୍ଡ ଉପରେ ସେତୁ ପାଇଁ ୩୫ କୋଟି, କାଳିଆଗଡ ନଳା ଉପରେ ସେତୁ ପାଇଁ ୧୬ କୋଟି, ମାଥିଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୫ କୋଟି ୫୦ ଲକ୍ଷ, ହନ୍ତାଳଗୁଡା ପର୍ଯ୍ୟଟନ ପାଇଁ ୭୬ ଲକ୍ଷ, ୨୬ଟି ଗ୍ରାମପଞ୍ଚାୟତରେ ପାଇପ ପାଣି ପାଇଁ ୩୨୦ କୋଟି ଟଙ୍କା ଏବଂ ବଡପଡା ଓ ପେପରମେଟଲାର ୨୪ଟି ଗାଁରେ ପାଇପ ପାଣି ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି କୋଟପାଡ ନିର୍ବାଚନମଣ୍ଡଳୀରେ ବିକାଶ କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ କହିଲେ ଯେ ପ୍ରସିଦ୍ଧ ଗୁପ୍ତେଶ୍ୱର ମନ୍ଦିର ବିକାଶ ପାଇଁ ୨୦.୨୦ କୋଟି ଟଙ୍କା, କୋଟପାଡ ଦମୟନ୍ତୀ ସାଗର ପୁନରୁଦ୍ଧାର ପାଇଁ ୧୬.୭୩ କୋଟି, ଦୋନମୁଣ୍ଡା ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨.୫୮ କୋଟି, କୁନ୍ଦ୍ରା ବ୍ଲକ୍‌ର ଜୋବାପଦର-କଣ୍ଡାଯୋଡି ରାସ୍ତାରେ କୋଲାବ ନଦୀ ଉପରେ ସେତୁ ପାଇଁ ୧୬.୩୦ କୋଟି, ତେନ୍ତୁଳିଗୁମାରେ ସାବରୀ ନଦୀ ଉପରେ ହାଇଲେବୁଲ ସେତୁ ପାଇଁ ୧୪.୪୦ କୋଟି ଟଙ୍କା, ବୈପାରୀଗୁଡା ବ୍ଲକ୍ ରାମଗିରି-ଦଣ୍ଡାବାଡି ରାସ୍ତା ପାଇଁ ୧୦ କୋଟି, ବୋରିଗୁମା ଗ୍ରୀଡ ସବ୍‌ଷ୍ଟେସନ ପାଇଁ ୩୦ କୋଟି, ବୈପାରୀଗୁଡା ବ୍ଲକର ୧୦ଟି ଓ କୁନ୍ଦ୍ରା ବ୍ଲକର ୩୫ଟି ଗ୍ରାମପଞ୍ଚାୟତରେ ମେଗା ପାଇପ ଜଳଯୋଗାଣ ପାଇଁ ୨୭୦ କୋଟି, କୋଟପାଡ ଅଞ୍ଚଳରେ ଯୋଜନାରେ ୫୦ ହଜାର ହିତାଧିକାରୀ ସାମିଲ, କୁନ୍ଦ୍ରା ଗ୍ରାମପଞ୍ଚାୟତର ଗୀତାଞ୍ଜଳି ମିଶ୍ର ୮ ଲକ୍ଷ ୫୦ ହଜାର ଟଙ୍କା ଓ କୋଟପାଡ ଏନଏସିର କଳ୍ପନା ଲୋଧା ୭.୯୦ ଲକ୍ଷ ଟଙ୍କା ଜରିଆରେ କାର୍ଡ ଯୋଗେ ଉପକୃତ ହୋଇଛନ୍ତି ବୋଲି ସେ କହିଥିଲେ । ଶେଷରେ ସେ ୯୫ ପ୍ରତିଶତ ଭୋଟ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ। ଡବଲ ଶଙ୍ଖରେ ଭୋଟ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ଶ୍ରୀ ପାଣ୍ଡିଆନ୍ ଅନୁରୋଧ କରିଥିଲେ।

## ଧର୍ମ ଭିତ୍ତିକ ...

କରନ୍ତି ଯେ ଏସସି, ଏସଟି ଏବଂ ଓବିସି ବିଜେପି ସହିତ ଅଛନ୍ତି। ସଂଖ୍ୟାଲଘୁଙ୍କ ବିଶ୍ୱାସ ହାସଲ କରିବା ପାଇଁ ସେମାନେ ଏସସି, ଏସଟି ଓ ଓବିସିଙ୍କ ଠାରୁ ଲୁଟ କରି ସଂଖ୍ୟାଲଘୁଙ୍କୁ ଦେବାକୁ ଚାହୁଁଛନ୍ତି । ଆପଣ ଏହା ହେବାକୁ ଦେବେ କି ? ମୁଁ ଆଜି ମୋର ଦଳିତ, ଆଦିବାସୀ ଏବଂ ଓବିସି ଭାଇ ଭଉଣୀମାନଙ୍କୁ ଗ୍ୟାରେଣ୍ଟି ଦେବାକୁ ଚାହୁଁଛି ଯେ କଂଗ୍ରେସର ଏଭଳି ଉଦ୍ଦେଶ୍ୟକୁ ମୁଁ ସଫଳ ହେବାକୁ ଦେବି ନାହିଁ। ଆପଣଙ୍କ ଅଧିକାର, ଆପଣଙ୍କ ସଂରକ୍ଷଣକୁ ରକ୍ଷା କରିବା ପାଇଁ ମୋଦି ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ। ମୁଁ ଆପଣଙ୍କୁ ଏହା ପ୍ରତିଶ୍ରୁତି ଦେଉଛି ବୋଲି ସେ କହିଛନ୍ତି।

## ଜଳୁଛି ସାରା...

ତାପମାତ୍ରା ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିପରି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ମେ ୧ ତାରିଖ ପର୍ଯ୍ୟନ୍ତ ପାଗରେ ହେବନି ବିଶେଷ ପରିବର୍ତ୍ତନ। ଜାରି ରହିବ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ମେ' ୨ ରୁ ୪ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ରହିବ । ସାମୁଦ୍ରିକ ଝଡ଼ର ପ୍ରଭାବ ଯାହାର ପ୍ରଭାବରେ ଉପକୂଳରେ ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିବା ସହ ଆର୍ଦ୍ରତା ପ୍ରଭାବରେ ଲାଗି ରହିବ ଗୁଳୁଗୁଳି । ମାତ୍ର ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନି। ସାମୁଦ୍ରିକ ଝଡ଼ର ପ୍ରଭାବ ହେଲେ ବି ରାଜ୍ୟରେ ଉଷ୍ମ ଦିନ ଅନୁଭୂତ ହେବ । ଏଭଳି ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ନେଇ ୮ଜିଲ୍ଲାକୁ ପାଣିପାଗ ବିଭାଗ ରେଡ ୱାର୍ଣ୍ଣିଂ ଜାରି କରିଛି। ପାଣିପାଗ ବିଭାଗ ପକ୍ଷରୁ ବାଲେଶ୍ୱର ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ଅନୁଗୁଳ, କଟକ ଓ ନୟାଗଡ଼ ଜିଲାକୁ ପାଣିପାଗ ବିଭାଗର ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ରାଜ୍ୟରେ ଅସହ୍ୟ ତାତି ଓ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୋମବାର ସାରା ରାଜ୍ୟରେ ପ୍ରବଳ ତାତି ଅନୁଭୂତ ହୋଇଛି । ୪ ସହର ୪୪ ଉପରେ ତାପମାତ୍ରା ରହିଛି । ୪୪.୮ ଡିଗ୍ରୀ ସହ ବାରିପଦା ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି । ଅନୁଗୁଳ ୪୪.୩, ବୌଦ୍ଧ ୪୪.୧, ତାଳଚେର ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ଟିଟିଲାଗଡ଼ ୪୩.୫ ଏବଂ ଢେଙ୍କାନାଳ ୪୩.୩ ରେକର୍ଡ କରାଯାଇଛି। ସେହିପରି ନୟାଗଡ଼, ମାଲକାନଗିରି, ବଲାଙ୍ଗିର, କେନ୍ଦୁଝର ଓ ନୂଆପଡ଼ା ୪୩ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ କଟକ ୪୨.୫ ଏବଂ ଭୁବନେଶ୍ୱର ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବଲାଙ୍ଗୀର, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ନୂଆପଡା, ଏବଂ ନବରଙ୍ଗପୁର ଜିଲାରେ କାଳବୈଶାଖୀ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ କିଛି ଅଞ୍ଚଳରେ ପବନ ୫୦ ରୁ ୬୦ କିମି, ବିଜୁଳି ଘଡଘଡି ଏବଂ କୁଆପଥର ବର୍ଷା ସମ୍ଭାବନା ରହିଛି । ସୋମବାର ସାଢେ ୨ଟା ସୁଦ୍ଧା କେନ୍ଦୁଝରର ତାପମାତ୍ରା ସର୍ବାଧିକ ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡା ୪୨.୮, ସମ୍ବଲପୁର ୪୨.୬, ହୀରାକୁଦ ୪୧.୮, ରାଉରକେଲା ୪୧.୮, ବାଲେଶ୍ୱର ୪୧.୪, ଭୁବନେଶ୍ୱର ୪୧.୩ ଡିଗ୍ରୀ ରେକର୍ଡ କରାଯାଇଛି।

## ନାବାଳିକାଙ୍କୁ ଗର୍ଭପାତ...

ଉଚିତ୍। ତେବେ ପୀଡିତାଙ୍କ ଗର୍ଭପାତ କରାଇବାରେ ଯେତିକି ବିପଦ ରହିଛି, ପ୍ରସବ ବେଳେ ମଧ୍ୟ ଜୀବନ ପ୍ରତି ସେତିକି ବିପଦ ଥିବା ମେଡିକାଲ ବୋର୍ଡ ମତ ଦେଇଥିଲା।

## ହେଲିକପ୍ଟର ...

ସେ ଉଡ଼ାଣ ଭରିବା ବେଳେ ଏପରି ଘଟଣା ଘଟିଥିଲା। କିନ୍ତୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ଶାହଙ୍କ ହେଲିକପ୍ଟରର ପାଇଲଟ ସ୍ଥିତିକୁ ସମ୍ଭାଳି ନେଇଥିଲେ। ଏହାପରେ ହେଲିକପ୍ଟରଟି ବେଶ ସ୍ୱାଭାବିକ ଢଙ୍ଗରେ ଉଡାଣ ଭରିଥିଲା।

# କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଲୋକାର୍ପିତ



**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**
କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ରବିବାର ଦିନ ଜିଲ୍ଲା କାର୍ଯ୍ୟାଳୟରେ ବିଜେଡି ସରକାର ବିରୁଦ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ କରି ଚାର୍ଜସିଟ୍ ଲୋକାର୍ପିତ କରାଯାଇଛି। ଏହି ଚାର୍ଜସିଟ୍ ଲୋକାର୍ପଣ ଉତ୍ସବରେ ବିଜେପିର ଲୋକସଭା ପ୍ରାର୍ଥୀ ଅନନ୍ତ ନାୟକ, କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ତେଲକୋଇ ବିଧାୟକ ପ୍ରାର୍ଥୀ ଫକୀରମୋହ ନାଏକ ଏବଂ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ବିରୁଦ୍ଧରେ ଅଭିଯୋଗ ପତ୍ର (ଚାର୍ଜସିଟ୍) ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନତାଙ୍କ ଉଦ୍ଦେଶ୍ୟରେ ରଖିଥିଲେ। ୨୫ ବର୍ଷର ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ବିକାଶ କଥା କହି ଅନ୍ଧାର ରେ ରଖିବା ସହିତ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାକୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରିଛନ୍ତି ବିଜେପି କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ। ରାଜ୍ୟ ସରକାରଙ୍କ ଅବହେଳା ହେତୁ କାନପୁର ପ୍ରକଳ୍ପ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ । ରାଜ୍ୟରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ସର୍ବଦା ଅବହେଳିତ କରିଥିବା କହିଛନ୍ତି ଅନନ୍ତ ନାୟକ। ଦେଓ ସିଞ୍ଚନ ପ୍ରକଳ୍ପ ଏବଂ ବିଭିନ୍ନ ବ୍ୟାରେଜ ନିର୍ମାଣରେ ସିଥିଳତା, ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ଅବହେଳିତ, ଜିଲ୍ଲା ବାସୀଙ୍କୁ ସ୍ୱପ୍ନ ଦେଖାଇ ଠକିଦେବା କେତେ ଦୂର ଠିକ୍, କେନ୍ଦୁଝର ବାସୀଙ୍କ ଏହି ଦୁର୍ଦ୍ଦଶା ପାଇଁ ନବୀନ ସରକାର ଦାୟୀ ବୋଲି ମଧ୍ୟ ଅନନ୍ତ ନାୟକ ଅଭିଯୋଗ କରିଛନ୍ତି। ଡି.ଏମ୍.ଏଫ୍. ଅର୍ଥ ବିନିଯୋଗରେ ଅନିୟମିତତା, ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (OMBADC) ଫଣ୍ଡ ଅନିୟମିତତା, ଧରଣୀଧର ଭେଷଜ ମହାବିଦ୍ୟାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନହେବା, ଜିଲ୍ଲାବାସୀଙ୍କୁ ମେଗା ଷ୍ଟିଲପ୍ଲାଣ୍ଟର ସ୍ୱପ୍ନ ଦେଖାଇ ଠକିଛନ୍ତି ନବୀନ ସରକାର ବୋଲି ଅଭିଯୋଗ କରିଛନ୍ତି କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ। ସେହିପରି ତେଲକୋଇ ନିର୍ବାଚନ ମଣ୍ଡଳୀର ଜନତା ବିଜେଡି ସରକାରରେ ସାଧାରଣ ସେବାରୁ ବଞ୍ଚିତ ଥିବା କହିଛନ୍ତି ବିଜେପିର ତେଲକୋଇ ବିଜେପି ବିଧାୟକ ପ୍ରାର୍ଥୀ ଡା. ଫୋକୀରମୋହନ ନାଏକ ଅଭିଯୋଗ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଦୁର୍ନୀତିର ଗନ୍ତାଘର ବିଜେଡି ସରକାର ବୋଲି ଆରୋପ କରିବା ସହିତ ରାଜ୍ୟ ସରକାର କେନ୍ଦୁଝର ଜିଲ୍ଲାକୁ ରାଜ୍ୟ ରାଜ୍ୟ ରାଜକୋଷ ରୁ ଅନ୍ୟ ଜିଲ୍ଲା ତୁଳନାରେ କମ ଅନୁଦାନ ଦେଉ ଥିବା ଅଭିଯୋଗ କରିଛନ୍ତି। ଏହି ଚାର୍ଜସିଟ୍ ଲୋକାର୍ପିତ କାର୍ଯ୍ୟକ୍ରମ ରେ କେନ୍ଦୁଝର ଲୋକସଭା କ୍ଷେତ୍ର ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ କରିଥିଲେ। ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ନେତା ରାଜେଶ ସିଂହ ସହିତ ଅନ୍ୟାନ୍ୟ ଜିଲ୍ଲା ବିଜେପିର ପଦାଧିକାରୀ ଉପସ୍ଥିତ ଥିଲେ।

# ରେମୁଣାରେ କଂଗ୍ରେସର ବିଶାଳ ନିର୍ବାଚନୀ ସଭା



**ବାଲେଶ୍ୱର, ନ୍ୟୁଜ**
ରେମୁଣା ନିର୍ବାଚନ ମଣ୍ଡଳୀ କୁରୁଡ଼ା ଯାତ୍ରା ପଡ଼ିଆ ଠାରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଅଛି। ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ପ୍ରଥମେ କୁରୁଡ଼ା ଛକରେ ଥିବା ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାସ୍ଥଳରେ ପହଞ୍ଚି ଥିଲେ। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନ ହୋଇ ଥିବାରୁ ପ୍ରଥମେ ସାଂସଦ ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ଓ ଅନ୍ୟ ନେତୃବୃନ୍ଦମାନେ ମଧୁସୂଦନ ଦାସଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହିତ ସଭାରେ ସଭାପତିତ୍ୱ କରି ବାଲେଶ୍ୱର ଜିଲ୍ଲା ସଭାପତି ସଞ୍ଜୀବ ଗିରି କହିଥିଲେ କି ଆପଣମାନେ ସ୍ଥିର କରନ୍ତୁ ଆପଣମାନେ ସମ୍ବିଧାନକୁ ବଞ୍ଚାଇବା ପାଇଁ ଚାହୁଁଛନ୍ତି ନା ପୁଣି ସେହି ପରାଧୀନତାର ସ୍ୱାଦ ଚାଖିବାକୁ ଚାହୁଁଛନ୍ତି ? ବାଲେଶ୍ୱରର ବିକାଶ ଚାହୁଁଛନ୍ତି ନା ବାଲେଶ୍ୱରର ବିନାଶ ଚାହୁଁଛନ୍ତି ? ଯଦି ଆପଣ ମାନେ ସମ୍ବିଧାନକୁ ବଞ୍ଚାଇବା ପାଇଁ ଚାହୁଁଛନ୍ତି, ବାଲେଶ୍ୱରର ବିକାଶ ଚାହୁଁଛନ୍ତି ତାହେଲେ ଦରକାର ନାହିଁ ନାନୀ ଦରକାର ନାହିଁ ନନା ବାଲେଶ୍ୱର ବାସୀଙ୍କୁ ଦରକାର ଶ୍ରୀକାନ୍ତ ଜେନା। ସେହି ଭଳି ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ୨୦୦୯ରୁ ୨୦୧୪ ମସିହା ଯାଏଁ ବାଲେଶ୍ୱରର ସାଂସଦ ଶ୍ରୀକାନ୍ତ ଭାଇ ଓ ମୁଁ ରେମୁଣାର ବିଧାୟକ ସେହି ସମୟର ବାଲେଶ୍ୱରର ବିଶେଷ ଭାବେ ରେମୁଣା ଅଞ୍ଚଳର ବିକାଶ ଅତୁଳନୀୟ ।ଶେଷରେ ବାଲେଶ୍ୱର ସାଂସଦ ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ୨୦୧୪ ମସିହା ପରେ ଦୁଇ ଜଣ ସାଂସଦ ବାଲେଶ୍ୱରରୁ ସଂସଦକୁ ଯାଇଛନ୍ତି ବାଲେଶ୍ୱରର ବିକାଶ ରେ ସେମାନଙ୍କର ଭୂମିକା କ'ଣ ? ବାସ ଦୁଇଟି ଅଖା ବ୍ୟାଗ ଓ ୧୦୦୦ ଟଙ୍କା। ଯଦି କିଛି ବାଲେଶ୍ୱରର ବିକାଶ କରିଛନ୍ତି ତାହେଲେ ଆସନ୍ତୁ ଖୋଲା ବିତର୍କକୁ ସେମାନେ କହିବେ । ମୁଁ କହିବି। ଆପଣ ମାନେ ବିଚାର କରିବେ। ଆମ ସରକାର ଥିବା ବେଳେ ଦେଶର ପ୍ରଥମ ଜିଲ୍ଲା ବାଲେଶ୍ୱର ଜିଲ୍ଲାକୁ ନାବାଡ଼ ଚାଷୀ ଓ ଚାଷର ଉନ୍ନତି ପାଇଁ ୧୦୦୦ କୋଟି ଟଙ୍କା ଦେଇଥିଲେ କୁଆଡେ ଗଲା ସେ ୧୦୦୦ କୋଟି ଟଙ୍କା । ସେହିଭଳି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ଆପଣ ମହିଳାଙ୍କ ପାଇଁ ବହୁତ ଦରଦ ଦେଖାଉଛନ୍ତି। ଆପଣ ଆଉ ପାରୁ ନାହାନ୍ତି ବୋଲି ଜଣକୁ ବେଆଇନ ଭାବେ ଏକ ବିଭାଗର ମୁଖ୍ୟ କରି କାମ ଚଳାଉଛନ୍ତି । କାହିଁକି ଆପଣ ଇସ୍ତଫା ଦେଇ ଏକ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ବନାଉ ନାହାନ୍ତି। ଶ୍ରୀ ଜେନା କହିଥିଲେ ମୁଁ କାହାରି ସାଙ୍ଗରେ ଲଢୁ ନାହିଁ , ଆପଣ ମାନେ ନିଜ ସପକ୍ଷରେ ଲଢୁଛନ୍ତି। ୨୦୨୪ ନିର୍ବାଚନ ଲଫାପା ବିରୁଦ୍ଧରେ ଲଢେଇ ହେବ। ସେହିପରି ଶ୍ରୀ ଜେନା କହିଥିଲେ ଯଦି ଆମ କାମର ହିସାବ ଦେବୁ କାଗଜ କଲମ କମ ପଡିଯିବ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଶ୍ରି ଦାସ, ଅକ୍ଷୟ ଆଚାର୍ଯ୍ୟ, ବିକାଶ ଦାସ, ରଞ୍ଜନ ଦାସ, ତରୁଣ ଦାସ, ଗଣେଷ ପଣ୍ଡା, ସୁଧାଂଶୁ ଜେନା, ଜ୍ୟୋସ୍ନା ସେନାପତି, ଅକ୍ଷୟ ମଲ୍ଲିକ, ତୁଷାର ତପସ୍ୱୀ, ଅଜଗର ଅଲ୍ଲୀ, କୁମୁଦୁନି ଦାଶ, କହ୍ନେଇ ବେହେରା, ନିସିତ ବାରିକ, ମନରଞ୍ଜନ ପଣ୍ଡା, ଅନିରୁଦ୍ଧ ସେନାପତି, ରାମନାରାୟନ ଶତପଥୀ, ଉର୍ମିଳା ମାଝୀ, ସରୋଜ ଲେଙ୍କା, ନିରଞ୍ଜନ ବେହେରା, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୩୦ ଅପ୍ରେଲ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24








ମାଲକାନଗିରି ଜିଲ୍ଲାରେ ନିର୍ବାଚନ ପ୍ରଚାର କରିବା ଅବସରରେ ଦଳୀୟ ପ୍ରାର୍ଥୀମାନଙ୍କ ଗହଣରେ ବିଜେଡିର ବରିଷ୍ଠ ନେତା ତଥା '୫-ଟି ଓ ନବୀନ ଓଡ଼ିଶା' ଅଧକ୍ଷ ଭି.କେ ପାଣ୍ଡିଆନ। ଶ୍ରୀ ପାଣ୍ଡିଆନ ନିର୍ବାଚନ ପ୍ରଚାର ସଭାରେ ସମବେତ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। (ଫଟୋ : ସମ୍ବାଦ କଳିକା)

# ଅଭ୍ୟାସଗତ ଅପରାଧୀଙ୍କୁ ଦଳରେ ସାମିଲ କରୁଛି ବିଜେପି : ବିଜେଡି

**ଭୁବନେଶ୍ୱର, ୨୯/୦୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ବିଜେପିକୁ ଟାର୍ଗେଟ କଲା ବିଜେଡି। ବିଜେଡି କହିଛି ଯେ, ଅଭ୍ୟାସଗତ ଅପରାଧୀଙ୍କୁ ଦଳରେ ସାମିଲ କରୁଛି ବିଜେପି। ଦଳରେ ଏମିତି ନେତା ରହିଛନ୍ତି ସେମାନେ ଦାଗି ନେତା । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ହେଉଛନ୍ତି ଜଣେ ଦାଗି ନେତା । ସେ ଜେଲ୍‌ରୁ ଆସି ଏବେ ବାହାରେ ଥିବାବେଳେ ସେ ଦାୟିତ୍ୱରେ ଥିବା ତହସିଲଦାର ଏବଂ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଥିଲେ । ସେ ମାଡ଼ ମାରି ଜେଲରେ ରହିଥିଲେ



ସୁଦ୍ଧା ଦଳ ତାଙ୍କୁ ଗୁରୁ ଦାୟିତ୍ୱ ଦେଉଛି । ଏହା ହେଉଛି ବିଜେପିର ସଂସ୍କୃତି। କେବଳ ଜଣେ ନେତା ନୁହେଁ ବିଜେପିରେ ଏଭଳି ଗଣ୍ଡା ଗଣ୍ଡା ଅପରାଧରେ ଲିପ୍ତ ଥିବା ନେତା ଦଳରେ ରହିଛନ୍ତି । ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ । ମାତ୍ର ତାଙ୍କୁ ବିଜେପି ଖୋର୍ଦ୍ଧାରୁ ଟିକେଟ ଦେଇଛି। ବିଜେପିର ଇରାଶିଷ ଆଚାର୍ଯ୍ୟ, ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ବହୁ ନେତା ଅପରାଧୀ ନେତାଙ୍କ ଉଦାହରଣ । ହତ୍ୟା ମାମଲାରେ ଜେଲରେ ରହିଥିଲେ ଇରାଶିଷ । ଅନ୍ୟପଟେ ପ୍ରଦୀପ ପାଣିଗ୍ରାହୀ ନିଜ ନିର୍ବାଚନ ମଣ୍ଡଳୀର ବହୁ ଯୁବକ, ଯୁବତୀଙ୍କୁ ଚାକିରୀ ଦେବା ନାଁରେ ଟଙ୍କା ଲୁଟିଥିଲେ । କିନ୍ତୁ ସେ ଏବେ ବିଜେପିରେ ରଣନୀତିକାର ସାଜିଛନ୍ତି ବୋଲି ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।




# ଆମେରିକା ଡାୟାମଣ୍ଡ ଚ୍ୟାଲେଞ୍ଜ ସମିଟ୍‌ରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଙ୍କ ପ୍ରକଳ୍ପ ପୁରସ୍କୃତ

**ଭୁବନେଶ୍ୱର, ୨୯।୪**
**ନ୍ୟୁଜ ବ୍ୟୁରୋ**

ଆମେରିକା ନିଉୟର୍କଠାରେ ଚଳିତ ମାସରେ ଚାଲିଥିବା ଡାୟାମଣ୍ଡ ଚ୍ୟାଲେଞ୍ଜ ସମିଟ୍‌ରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଆଇବିଡିପି-୨ ଛାତ୍ର ଆର୍ୟନ ଅଗ୍ରୱାଲଙ୍କ ପ୍ରକଳ୍ପ ଶ୍ରେଷ୍ଠ ଇନୋଭେଟିଭ୍ ଟେକ୍ନୋଲୋଜି ଉଇଥ ସୋସିଆଲ୍ ଇମ୍ପାକ୍ଟ ଭାବେ ଶ୍ରେଷ୍ଠ ବିବେଚିତ ହେବା ସହ ପୁରସ୍କୃତ ହୋଇଛି । କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ସେନ୍ ଗ୍ଲୋବ ଦ୍ୱାରା ଅନୁପ୍ରାଣିତ ହୋଇ ଆର୍ୟନ 'ଦୃଷ୍ଟି' (ଦୃଷ୍ଟି ବାଧିତ ଓ ବଧିରଙ୍କ ପାଇଁ) ନାମକ ଏକ



ପ୍ରକଳ୍ପ ଆରମ୍ଭ କରିଥିଲେ । କିଟ୍ ଟିବିଆଇର ମୋହିତ ଶର୍ମାଙ୍କ ତତ୍ତ୍ୱାବଧାନରେ ଆର୍ୟନ ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହାଦ୍ୱାରା କାର୍, ମୋଟରସାଇକଲ, ଟ୍ରକ୍ ଆଦିର ବାସ୍ତବତା ଓ ଶ୍ରବଣ ନିର୍ଦ୍ଧାରଣ ସୁବିଧାରେ ଜାଣିହେବ । ପ୍ରତିଯୋଗିତାର ନିର୍ଣ୍ଣାୟକ ପର୍ଯ୍ୟାୟରେ ସମସ୍ତ ଜୁରି ସଦସ୍ୟଙ୍କ ଦ୍ୱାରା ଆର୍ୟନଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା । ପୁରସ୍କାର ବାବଦକୁ ଆର୍ୟନ ପଦକ, ୧୫ଶହ ଆମେରିକୀୟ ଡଲାର ସହ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ରାଶି ପାଇଛନ୍ତି। ସମଗ୍ର ବିଶ୍ୱର ଶିକ୍ଷୋଦ୍ୟୋଗୀଙ୍କୁ ନେଇ ଏହି ସମିଟ ଆୟୋଜନ କରାଯାଇଥିବା ବେଳେ ବିଶ୍ୱର ସମଗ୍ର ଦେଶର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ଏଭଳି ସଫଳତାରେ ଆର୍ୟନ ଓ ତାଙ୍କ ଅଭିଭାବକ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଆର୍ୟନଙ୍କୁ ଶୁଭେଚ୍ଛା ଜଣାଇବା ସହ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶିମିଳିପାଳର ଆଉ ୩୫ଟି ସ୍ଥାନରେ ବନାଗ୍ନି

**ବାରିପଦା , ୨୯/୦୪ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଓ ଏହାର ଚତୁର୍ଦ୍ଦିଗରେ ଥିବା ବନାଞ୍ଚଳରେ ୩୫ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ ହୋଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚିହ୍ନଟ ହୋଇଥିବା ଏହି ୩୫ଟି ବନାଗ୍ନି ସ୍ଥଳ ମଧ୍ୟରୁ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ଖଣ୍ଡର ୯ ଓ ଦକ୍ଷିଣ ବନ୍ୟପ୍ରାଣୀ ଖଣ୍ଡର ୭ଟି ସ୍ଥାନକୁ ମିଶାଇ ଶିମିଳିପାଳରେ ମୋଟ ୧୬ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଅନ୍ୟ ବନଖଣ୍ଡ ମଧ୍ୟରୁ ବାରିପଦାର ୪, କରଞ୍ଜିଆର ୨ ଓ କେନ୍ଦୁଝର ବନ୍ୟପ୍ରାଣୀ ଖଣ୍ଡର ୧୩ଟି ସ୍ଥାନରେ ନିଆଁ ଲାଗିଛି। ଏହି ୩୫ଟି ସ୍ଥାନ ମଧ୍ୟରୁ ୧୨ଟି ସ୍ଥାନରେ ବନାଗ୍ନିକୁ ଲିଭାଇବା ଦିଗରେ ବନ ବିଭାଗ



ଏବଂ ଓଡ୍ରାଫ ଦଳ ସଫଳ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଏହା ପୂର୍ବରୁ ଶିମିଳିପାଳ ସମେତ ଚତୁର୍ଦ୍ଦିଗରେ ଥିବା ବନାଞ୍ଚଳରେ ଗତ ୨୬ ତାରିଖରେ ୨୮ଟି ଏବଂ ୨୭ ତାରିଖରେ ୫୪ଟି ସ୍ଥାନରେ ଚିହ୍ନଟ ହୋଇଥିବା ବନାଗ୍ନିକୁ ନିର୍ବାପନ କରାଯାଇଥିବା ନେଇ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ଏହି ବନାଗ୍ନି ଯୋଗୁଁ ବ୍ୟାପକ ଅଞ୍ଚଳରେ ବହୁ ମୂଲ୍ୟବାନ ଗଛ ପୋଡି ଯାଉଥିବା ବେଳେ ବନ୍ୟଜନ୍ତୁମାନେ ଜନବସତି ମୁହାଁ ହେଉଛନ୍ତି।

# ଡ୍ରଙ୍କେନ୍ ଡ୍ରାଇଭିଂ ଯାଞ୍ଚ: ୨ ମାସରେ ଧରାପଡ଼ିଲେଣି ୯୦୦

**ଭୁବନେଶ୍ୱର, ୨୯/୦୪ ନ୍ୟୁଜ ବ୍ୟୁରୋ**

ସେଫ୍ ସିଟି ଅଭିଯାନରେ କମିଶନରେଟ୍ ପୁଲିସ ପକ୍ଷରୁ ଚାଲିଛି ଡ୍ରଙ୍କେନ୍ ଡ୍ରାଇଭିଂ ଯାଞ୍ଚ। ମଦ୍ୟପ ଚାଳକଙ୍କୁ ସଚେତନ ଓ ସାବାଡ଼ କରିବାକୁ ରାତିରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ମଦ୍ୟପ ଚାଳକଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଜରିମାନା ସହିତ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ବାତିଲ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସେହିଭଳି ଜବତ ଗାଡ଼ି ସବୁକୁ କୋର୍ଟ ଚାଲାଣ କରାଯାଉଛି ଏବଂ ଗାଡ଼ିକୁ କୋର୍ଟରୁ ମୁକୁଳାଇବାକୁ ପଡୁଛି। ତେବେ ଏସବୁ ପରେ ବି କିଛି ମଦ୍ୟପ ଚାଳକ ଅଭ୍ୟାସଗତ ଭାବେ ନିୟମ ଉଲ୍ଲଂଘନ କରିଚାଲିଛନ୍ତି। ପିଆର ବଣ୍ଡରେ ଯାଇ କିଛି ଚାଳକ ପୁଣି ଭୁଲ କରୁଥିବା ଦେଖିବାକୁ ମିଳୁଛି। ମିଳିଥିବା ତଥ୍ୟ ଅନୁସାରେ ଫେବୃୟାରୀ ମାସରୁ ଏ ପର୍ଯ୍ୟନ୍ତ ଏହି ଅଭିଯାନରେ ୯୦୦ ମଦୁଆ ଚାଳକ ଧରାପଡ଼ିଲେଣି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଅଭ୍ୟାସଗତ ଅମାନିଆ ବୋଲି ଚିହ୍ନଟ କରାଯାଇଛି। ସେମାନେ ହେଲେ ଅମିତ ବେଉରିଆ, ସିଦ୍ଧାର୍ଥ ପଟ୍ଟନାୟକ, ପ୍ରଭାତ କୁମାର ସାହୁ



ଓ ଅନିରୁଦ୍ଧ ରାଉତ। ଏମାନେ ବାରମ୍ବାର ଭୁଲ୍ କରୁଥିବା ସ୍ପଷ୍ଟ ହୋଇଛି। ପୁଲିସ କହିବା କଥା ଧରପଗଡ଼ ରେକର୍ଡରୁ ଅଭ୍ୟାସଗତ ଅମାନିଆଙ୍କ ତାଲିକା କରାଯାଉଛି। ସେହି ତାଲିକାରୁ ଏହି ୪ ଅଭ୍ୟାସଗତ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇଛି। ଏହି ତାଲିକା ଆରଟିଓ-୨ଙ୍କୁ ପ୍ରଦାନ କରାଯାଇଛି। ମୋଟର ଭେହିକିଲ୍ ନିୟମାନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି କରାଯାଇଛି। ସେମାନଙ୍କ ଡିଏଲ୍ ରଦ୍ଦ କରାଯାଉ ବୋଲି ଚିଠିରେ ଦର୍ଶାଯାଇଛି। ସେହିଭଳି ଆରଟିଓ ପବ୍ଲିକ୍ ଡୋମେନ୍‌ରେ ସେମାନଙ୍କୁ ଅଭ୍ୟାସଗତ ଅମାନିଆ ବୋଲି ଉଲ୍ଲେଖ କରାଯିବାକୁ କୁହାଯାଇଛି।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଏନକାଉଣ୍ଟର : କୁଖ୍ୟାତ ଅପରାଧୀ ସୁବାସ ଗୁରୁତର



**କାମାକ୍ଷାନଗର, ୨୯/୦୪ ନ୍ୟୁଜ ବ୍ୟୁରୋ**

ନିର୍ବାଚନ ପୂର୍ବରୁ ଢେଙ୍କାନାଳ ପୋଲିସର ବଡ ଆକ୍ସନ। କାମାକ୍ଷାନଗରର କୁଖ୍ୟାତ ଅପରାଧୀ ସୁବାସ ଖୁଣ୍ଟିଆକୁ ହୋଇଛି ଏନକାଉଣ୍ଟର। ଏନକାଉଣ୍ଟରରେ ଗୁରୁତର ସୁବାସକୁ କାମାକ୍ଷାନଗର ହସ୍ପିଟାଲରେ ଭର୍ତ୍ତି କରିଛି ପୋଲିସ। ସୂଚନା ଅନୁଯାୟୀ, ସୁବାସର ଗୋଡରେ ବାଜିଛି ଗୁଳି। ଏହି କୁଖ୍ୟାତ ଅପରାଧୀ ନାଁରେ ରହିଛି ୧୮ଟି ମାମଲା। ଦୁଇଟି ହତ୍ୟା ଓ ଡକାୟତି ସହ ଦାଦାବଟି ଭଳି ରହିଛି ସଙ୍ଗୀନ ଅଭିଯୋଗ। ଏହାସହ ସୁବାସ ଠାରୁ ବନ୍ଧୁକ ଜବତ କରିଛି ପୋଲିସ। ତେବେ ଘଟଣାସ୍ଥଳରେ ଫରେନସିକ୍ ଟିମ୍ ପହଞ୍ଚି ଯାଞ୍ଚ କରୁଛି। ଏକ ବଡ ଧରଣର ଅପରାଧ ଘଟାଇବା ପାଇଁ କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗର ସଦସ୍ୟମାନେ ଯୋଜନା କରୁଥିଲେ। ନିର୍ବାଚନ ସମୟରେ କିଛି ଅଘଟଣ ଘଟାଇଥାନ୍ତେ। ମାସକୁ ୩୦ ଲକ୍ଷରୁ ଅଧିକ ବଟି ଆଦାୟ କରୁଥିଲେ ଏହି ଗ୍ୟାଙ୍ଗ। ବାଲିଘାଟଠାରୁ ଆରମ୍ଭ କରି ବଡ ବ୍ୟବସାୟ ଓ ଠିକାଦାରଙ୍କୁ ଟାର୍ଗେଟ କରୁଥିଲେ ଏହି ଗ୍ୟାଙ୍ଗ। ଦୀର୍ଘ ଦିନ ଧରି କାମାକ୍ଷାନଗର ଅଞ୍ଚଳରେ ଆତଙ୍କରାଜ ଚଳାଉଥିବା ସୁବାସ ଖୁଣ୍ଟିଆ ଏନକାଉଣ୍ଟର ପରେ କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗର ଅନ୍ୟ ସଦସ୍ୟ ଛତ୍ରଭଙ୍ଗ ଦେଇଛନ୍ତି।


## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା–୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)





# ଜିଲ୍ଲାପାଳଙ୍କୁ ୟୁଜିସିର ଚିଠି : ଜିଲ୍ଲାସ୍ତରରେ ଗଠନ ହେବ ଆଣ୍ଟି ରାଗିଂ କମିଟି

**ଭୁବନେଶ୍ୱର, ୨୯/୦୪**
**ନ୍ୟୁଜ ବ୍ୟୁରୋ**

ରାଗିଂକୁ ରୋକିବା ପାଇଁ ଜିଲ୍ଲାସ୍ତରରେ ଗଠନ ହେବ ଆଣ୍ଟି ରାଗିଂ କମିଟି । ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଏହି କମିଟିରେ କିଏ କ'ଣ ରହିବେ ସେ ନେଇ ମଧ୍ୟ ଉଲ୍ଲେଖ କରାଯାଇଛି । ଜିଲ୍ଲାପାଳ (ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍) କିମ୍ବା ଡେପୁଟି କମିଶନର ଏହି ଆଣ୍ଟି ରାଗିଂ କମିଟିର ମୁଖ୍ୟ ରହିବେ। ଏମାନେ କମିଟିରେ ରହିବା ବାଧ୍ୟତାମୂଳକ କରାଯାଇଛି । ସେହିପରି ସଦସ୍ୟ ଭାବେ ବିଶ୍ୱବିଦ୍ୟାଳୟ, କଲେଜ କିମ୍ବା ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ ଜିଲ୍ଲା ଏସ୍‌ପି ବା ଏସ୍‌ଏସ୍‌ପି ରହିବେ । ଏହି କମିଟିର ସଚିବ ସଦସ୍ୟ ଭାବେ ଆଡିସନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ରହିବେ । ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି, ଜିଲାସ୍ତରରେ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା (ବିଶେଷ କରି ଯୁବପିଢ଼ି ଉପରେ କାର୍ଯ୍ୟ କରୁଥିବା ସଂସ୍ଥା)ର ପ୍ରତିନିଧି, ଛାତ୍ର ସଙ୍ଗଠନର ପ୍ରତିନିଧି ମଧ୍ୟ



ଏଥିରେ ରହିବେ । ଗ୍ରୀଷ୍ମ ଅବକାଶ ମଧ୍ୟରେ ଏହି ଜିଲ୍ଲା ସ୍ତରୀୟ କମିଟି ଏକ ପ୍ରସ୍ତୁତି ବୈଠକ କରିବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଛି ।

ସୂଚନାଯୋଗ୍ୟ, ରାଗିଂ ହେଉଛି ଏକ ଅପରାଧ । ରାଗିଂ ଦ୍ୱାରା ଛାତ୍ରାଛାତ୍ରୀମାନେ ମାନସିକ ସ୍ତରରେ କିମ୍ବା ଶାରୀରିକ ସ୍ତରରେ ଆଘାତ ପାଇଥାନ୍ତି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଥିଲେ ମଧ୍ୟ ଏଥିରେ ରୋକ ଲଗାଯାଇ ପାରୁନି । ଉଚ୍ଚ ଶିକ୍ଷାନୁଷ୍ଠାନରେ ରାଗିଂ ନିଷେଧ କରିବା ପାଇଁ ୟୁଜିସି ୨୦୦୯ରୁ ଆଣ୍ଟି ରାଗିଂ ରେଗୁଲେସନ ମଧ୍ୟ କରିଛି । ତେବେ ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ୟୁଜିସି ଏଭଳି ପଦକ୍ଷେପ ନେଇଛି। ରାଗିଂକୁ ନେଇ ବାରମ୍ବାର କଡ଼ା ଚେତାବନୀ ଦେଇ ଆସୁଛି ୟୁଜିସି । ଯଦି କୌଣସି ଶିକ୍ଷାନୁଷ୍ଠାନ ରାଗିଂକୁ ରୋକିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେବାରେ ବିଫଳ ହୁଏ କିମ୍ବା ଏହି ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରେ ନାହିଁ ତେବେ ୟୁଜିସି ଦ୍ୱାରା ଉକ୍ତ କଲେଜ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯାଏ। ତେବେ ବିଭିନ୍ନ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ପ୍ରଚାର ଓ ସଚେତନତା କରାଯିବା ପରେ ଅନେକ ରାଗିଂ ଜନିତ ଘଟଣା ସାମ୍ନାକୁ ଆସିଥାଏ । ଏହାକୁ ରୋକିବାକୁ ଶିକ୍ଷାନୁଷ୍ଠାନ ଗୁଡିକରେ ରାଗିଂ ବିରୋଧି ଅଭିଯାନ ଜୋରଦାର କରାଯିବା ଉଚିତ । ପିଲାମାନଙ୍କୁ ସଚେତନ କରିବା ସହ ଆଣ୍ଟି-ରାଗିଂ କମିଟି ବା ଆଣ୍ଟି-ରାଗିଂ ସ୍କ୍ୱାର୍ଡ ଗଠନ କରି ଏହା ଉପରେ କଡା ନଜର ରଖାଯିବା ଆବଶ୍ୟକ । ସେହିଭଳି ଛାତ୍ରଛାତ୍ରୀମାନଙ୍କ ସହିତ ନିୟମିତ କଥାବାର୍ତ୍ତା ଏବଂ ପରାମର୍ଶ, କଲେଜରେ ଛାତ୍ରଛାତ୍ରୀଙ୍କ ଅସୁବିଧା ଗୁଡ଼ିକର ଚିହ୍ନଟ ଏବଂ ଆଣ୍ଟି-ରାଗିଂ ଚେତାବନୀ ବିଷୟରେ ଆଲୋଚନା କରାଯିବା ଆବଶ୍ୟକ । ହଷ୍ଟେଲ, କ୍ୟାଣ୍ଟିନ, ବିଶ୍ରାମ କକ୍ଷ, ବସ୍ ଷ୍ଟାଣ୍ଡ ଗୁଡିକର ଅଚାନକ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ । ଏହା ସହ ଆଡମିଶନ ସେଣ୍ଟର, ବିଭିନ୍ନ ବିଭାଗ, ଲାଇବ୍ରେରୀ, କ୍ୟାଣ୍ଟିନ, ହଷ୍ଟେଲ, କମନ ରୁମ୍ ଭଳି ସମସ୍ତ ପ୍ରମୁଖ ସ୍ଥାନରେ ଆଣ୍ଟି-ରାଗିଂ ପୋଷ୍ଟର ପ୍ରଦର୍ଶିତ ହେବା ଜରୁରୀ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com